

ଏ ସାରା ସଂସାରର ଗୁରୁ କେବଳ ଜଗନ୍ନାଥ ଅଟନ୍ତି।
ଦ୍ୱିତୀୟ ଗୁରୁ କେହି ନାହାନ୍ତି।
- ଶ୍ରୀ ଅଭିରାମ ପରମହଂସ



# ପ୍ରସ୍ତୁତି ଚୂଡାନ୍ତ, ଆଜି ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା





ସୋମବାର ସମ୍ବଲପୁର ସରକାରୀ ମହିଳା କଲେଜ ପଡିଆରେ ସମ୍ବଲପୁର ମହାନଗର ନିଗମର କମିଶନର ତ୍ରିଲୋଚନ ମାଝିଙ୍କ ସହ ଅନ୍ୟ ଅଧିକାରୀମାନେ ଭୋଟ କେନ୍ଦ୍ର ବିଷୟରେ ଆଲୋଚନା କରୁଛନ୍ତି (ବାମ)। ସମ୍ବଲପୁର ସରକାରୀ ମହିଳା କଲେଜ ପଡିଆଠାରେ ପୋଲିସ ଅଧିକାରୀମାନେ ଡ୍ୟୁଟି ବଣ୍ଟନ କରୁଛନ୍ତି ।







ସୋମବାର ସମ୍ବଲପୁର ସରକାରୀ ମହିଳା କଲେଜ ପଡିଆରୁ ଅଧିକାରୀ ଓ କର୍ମଚାରୀମାନେ ଭୋଟଗ୍ରହଣ କେନ୍ଦ୍ରକୁ ସାମଗ୍ରୀ ନେଇ ଯାଉଛନ୍ତି (ବାମ)। ସମ୍ବଲପୁର ବୁଢାରଜା ଆଦର୍ଶ ମତଦାନ କେନ୍ଦ୍ରରେ ଦୁଇ ସରକାରୀ କର୍ମଚାରୀ ପ୍ରସ୍ତୁତି ଚଳାଇଛନ୍ତି (ମଝି)। ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଏକ ବୁଥ୍‌ରେ ଅଧିକାରୀମାନେ କାନ୍ଥରେ ପ୍ରାର୍ଥୀଙ୍କ ତାଲିକା ଲଗାଉଛନ୍ତି ।

**ସମ୍ବଲପୁର,୨୨।୪(ବ୍ୟୁରୋ)**

ସମ୍ବଲପୁରରେ ମଙ୍ଗଳବାର ନିର୍ବାଚନ। ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ ଭୋଟର। ଏଥର ସମ୍ବଲପୁର ଲୋକସଭା ଆସନରେ ୧୧, ରେଙ୍ଗାଲି ବିଧାନସଭାରେ ୫, କୁଚିଣ୍ଡା ବିଧାନସଭାରେ ୭, ରେଢାଖୋଲ ବିଧାନସଭାରେ ୮, ସମ୍ବଲପୁର ବିଧାନସଭାରେ ୯, ଦେବଗଡ ବିଧାନସଭାରେ ୧୩, ଆଠମଲ୍ଲିକ ବିଧାନସଭାରେ ୬, ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀରେ ୮ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ୭ ଲକ୍ଷ ୨୪ ହଜାର ୯୯୩ ମହିଳା, ୭ ଲକ୍ଷ ୪୧ ହଜାର ୮୭୬ ପୁରୁଷ ଓ ଅନ୍ୟାନ୍ୟ ୧୦୫ ଭୋଟରଙ୍କୁ ମିଶାଇ ମୋଟ ୧୪ ଲକ୍ଷ ୬୬ ହଜାର ୯୭୭ ଭୋଟରଙ୍କ ହାତରେ ଏହି ପ୍ରାର୍ଥୀମାନଙ୍କ ଭାଗ୍ୟ ରହିଛି।

କୁଚିଣ୍ଡାର ୨୬୪ ବୁଥ୍‌ରେ ୨ ଲକ୍ଷ ୧୬ ହଜାର ୧୩୧, ରେଙ୍ଗାଲିର ୨୩୫ ବୁଥ୍‌ରେ ୧ ଲକ୍ଷ ୯୩ ହଜାର୯୪୨ ଭୋଟର, ସମ୍ବଲପୁର ବିଧାନସଭାର ୧୮୯ ବୁଥ୍‌ରେ ୨ ଲକ୍ଷ ୯ ହଜାର ୬୮୬ ଭୋଟର, ରେଢାଖୋଲର ୨୪୭ ବୁଥରେ ୧ ଲକ୍ଷ ୯୮ ହଜାର ୮୯୭ ଭୋଟର, ଦେବଗଡ ୩୩୭ ବୁଥ୍‌ରେ ୨ ଲକ୍ଷ ୩୯ ୩୮୮, ଛେଣ୍ଡିପଦାର ୨୨୭ ବୁଥରେ ୨ ଲକ୍ଷ ୭ ହଜାର ୨୮୨, ଆଠମଲ୍ଲିକର ୨୫୦ ବୁଥରେ ୨ ଲକ୍ଷ ୧ ହଜାର ୫୪୮ ଭୋଟର ରହିଛନ୍ତି । ତେବେ ୨୦୧୪ ନିର୍ବାଚନର ଭୋଟର ସଂଖ୍ୟାଠାରୁ ଏଥର ନିର୍ବାଚନରେ ୧ ଲକ୍ଷ ୬୯ ହଜାର ୮୭୬ ଅଧିକ ଭୋଟର ରହିଛନ୍ତି।

ସମ୍ବଲପୁର ଜିଲାରେ ମୋଟ ୧୭୪୯ ବୁଥ୍ ରହିଛି। ପ୍ରତି ବୁଥ୍‌ରେ ୬ ଜଣ ଲେଖାଏଁ ଅଧିକାରୀ ଓ କର୍ମଚାରୀ ରହିଛନ୍ତି । ରେଢାଖୋଲ, ନାକଟିଦେଉଳ, ଝୁଝୁମୁରା ବ୍ଲକରେ ମୋଟ ୫୮ ବୁଥ୍ ମାଓବାଦୀ ପ୍ରଭାବିତ ବୁଥ ଓ ୨୪୦ ସମ୍ବେଦନଶୀଳ ବୁଥ୍ ରହିଛି। ତେଣୁ ପୋଲିସ ଓ ସିଆପିଏଫ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସମ୍ବଲପୁର ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୫ କମ୍ପାନୀ ସିଆରପିଏଫ, ୨୧ ଏସଓଜି ଟିମ୍, ୧୫ ପୋଲିସ ଟିମ୍ ନିୟୋଜିତ ହୋଇଛନ୍ତି। ୧୩ଟି ବୁଥ୍‌ରେ ସିସିଟିଭି ,୧୮ ବୁଥ୍‌ରେ ଭିଡିଓଗ୍ରାଫି, ୬୮ ବୁଥ୍‌ରେ ୱେବକାଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଛି। ୬୩ ବୁଥ୍‌ରେ ମାଇକ୍ରୋ ଅବଜରଭର ରହିଛନ୍ତି । ୨୦ଟି ବୁଥ୍‌ରେ ଇଣ୍ଟରନେଟ ସୁବିଧା ନ ଥିବା ବେଳେ ଧନକଉଡା ବ୍ଲକ କୁଦଗୁଣ୍ଡେପୁର ପଞ୍ଚାୟତ ବିଚ୍ଛିନ୍ନାଞ୍ଚଳ ଭାବେ ରହିଛି। ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ପ୍ରସ୍ତୁତି ସାରିଛନ୍ତି। ୨୨ ହଜାର ୨୬୭ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏମାନଙ୍କୁ ଭୋଟ କେନ୍ଦ୍ରକୁ ନେବା ପାଇଁ ଗାଡି ବ୍ୟବସ୍ଥା କରାଯାଇଛି। ଏହାସହ ଏହି ଦିବ୍ୟାଙ୍ଗ ଭୋଟରମାନଙ୍କୁ ସହଯୋଗ ପାଇଁ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିୟାଜିତ କରାଯାଇଛି। ସମ୍ବଲପୁର ମହିଳା କଲେଜ ପଡିଆରୁ ଇଭିଏମ୍, ଭିଭିପିଏଟି ସହ ଅନ୍ୟାନ୍ୟ ସାମଗ୍ରୀ କରି ଅଧିକାରୀ ଓ କର୍ମଚାରୀମାନେ ଦାୟିତ୍ୱରେ ଥିବା ବୁଥ୍‌କୁ ଯାଇଛନ୍ତି। ୧୯ଟି ଟିମ୍‌କୁ ରିଜର୍ଭ ରଖାଯାଇଛି ।

## ସଂକ୍ଷେପରେ

### ୩୦ରେ ରାଜ୍ୟସ୍ତରୀୟ ସଂପ୍ରଦା କଳାକାର ସମ୍ମିଳନୀ

ସମ୍ବଲପୁର, ୨୨।୪ (ବ୍ୟୁରୋ)
ଗୋଲବଜାର ନିକଟସ୍ଥ ମାରୱାଡି ଧର୍ମଶାଳାଠାରେ ଲୁପ୍ତପ୍ରାୟ ପଶ୍ଚିମ ଓଡିଶାର ସଂପ୍ରଦା କଳାକାରଙ୍କୁ ନେଇ ଏକ ରାଜ୍ୟସ୍ତରୀୟ କଳାକାର ସମ୍ମିଳନୀ ଚଳିତ ମାସ ୩୦ ତାରିଖରେ ଅନୁଷ୍ଠିତ ହେବ । ୨ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ଓଡିଶା ଓ ଛତିଶଗଡର ବିଭିନ୍ନ ଜିଲାରୁ ୧ହଜାର କଳାକାର ଯୋଗ ଦେବେ । ସଂକୀର୍ତ୍ତନ ଓ ସଞ୍ଚାର ସହ ସଂପ୍ରଦାର ସମ୍ପର୍କ ବିଷୟରେ ଏଥିରେ ଆଲୋଚନା କରାଯିବ।

### ହୀରାଖଣ୍ଡ ନାଗରିକ ପରିଷଦ ନୂତନ କର୍ମକର୍ତ୍ତା

ସମ୍ବଲପୁର, ୨୨।୪ (ବ୍ୟୁରୋ)
ହୀରାଖଣ୍ଡ ନାଗରିକ ପରିଷଦର ନବନିର୍ବାଚିତ କର୍ମକର୍ତ୍ତାମାନେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ପରିଷଦର ନବ ନିର୍ବାଚିତ ସଭାପତି ପ୍ରଫେସର ସୁରୁବାବୁ ମେହେର, ଉପସଭାପତି ଡା. ଜ୍ୟୋତିରଞ୍ଜନ ପଣ୍ଡା, ସାଧାରଣ ସମ୍ପାଦକ ସଦାନନ୍ଦ ସୋନବର୍ଷା, ସହକାରୀ ସମ୍ପାଦକ ନିର୍ମଳ କୁମାର ମାଇତି, କାର୍ଯ୍ୟକାରୀ କମିଟି ସଦସ୍ୟ ନାରାୟଣ ନାୟକ, ପ୍ରଦୀପ ପଣ୍ଡା, ବେଣୁଧର ତ୍ରିପାଠୀ, ସହଦେବ ରଥ ଓ ପ୍ରଦ୍ୟୋତ କୁମାର ମିଶ୍ର ଶପଥ ଗ୍ରହଣ କରିଛନ୍ତି । ବିଦାୟୀ ସଭାନେତ୍ରୀ ଡ. ରେଣୁ ମିଶ୍ର ଓ ସାଧାରଣ ସମ୍ପାଦକ ରାମେଶ୍ୱର ପାଢ଼ୀ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଉପଦେଷ୍ଟା ଗୋପରଞ୍ଜନ ଦୁବେ ଓ ଅରବିନ୍ଦ ମହାପାତ୍ର କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା । ଶଙ୍କର ପ୍ରସାଦ ପତି, ଗୋପୀନାଥ ମିଶ୍ର, ଭାଗବତ ପ୍ରସାଦ ନନ୍ଦ, ଗିରିଜା ଶଙ୍କର ଶର୍ମା, ସହଦେବ ରଥ, ଜୟଦେବ ମେହେର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନିର୍ବାଚନରେ ସଂପୃକ୍ତ ସମସ୍ତ ସରକାରୀ କର୍ମଚାରୀ ଓ ପୋଲିସମାନେ ବ୍ୟକ୍ତିଗତ ପସନ୍ଦ ନାପସନ୍ଦକୁ ମନରୁ ଦୂର କରି ବିନା ପକ୍ଷପାତରେ ନିର୍ବାଚନ ପରିଚାଳନା କଲେ ଅବାଧ ନିର୍ବାଚନ ସମ୍ଭବପର ହେବ ବୋଲି ଆଲୋଚନା କରାଯାଇଥିଲା।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

**ସମ୍ବଲପୁର, ୨୨।୪ (ବ୍ୟୁରୋ)**

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୧୯ତମ ବାର୍ଷିକ ଉତ୍ସବ ମଠପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ମାନଧାତା ବାବା କଲେଜର ଅଧ୍ୟାପକ ତୁଷାରରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ପ୍ରଦୀପ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ଶିକ୍ଷାବିତ୍ ବୀରବର ବିଶ୍ୱାଳ ସମ୍ମାନୀତ ଅତିଥି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଅବସରପ୍ରାପ୍ତ ଅଧିକାରୀ ଶରତ ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ କାହ୍ନୁକେଶବ ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ର ଦୁର୍ଗା ସ୍ତୋତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ଅଲିଶା ବେହେରା ଓ ଛାତ୍ରୀ ସୁପ୍ରିୟା ପ୍ରଧାନଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ବବିତା ମହାନନ୍ଦ, ପୁଷ୍ପାରାଣୀ ବହିଦାର, ଶାନ୍ତିଲତା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଆଦର୍ଶ ଛାତ୍ର ଖଗେଶ୍ୱର ବାଗ, କ୍ରୀଡା ଚାମ୍ପିୟନ ସୁପ୍ରିୟା ପ୍ରଧାନ, ଶ୍ରେଷ୍ଠ ଉପସ୍ଥାନ ରଖିଥିବା ଛାତ୍ର ତ୍ରିବିକ୍ରମ ବାଗ ଓ ସିଦ୍ଧାନ୍ତ ବହିଦାରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ଜୟନ୍ତପୁର ଦେଦରନୂଆପାଲି ସ୍ଥିତ ଉଦୀୟମାନ ମାତୃକ୍ଷେତ୍ରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ମଧ୍ୟ ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ୩୫ ତମ ବାର୍ଷିକ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୯ଟାରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ଛାତ୍ରୀଛାତ୍ର ବନ୍ଦେ ମାତରମ୍ ଗାନ କରିଥିଲେ। ଏହାପରେ ଦେହାଂଶ ପୀଠରେ ସମବେତ ଧ୍ୟାନ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସ୍କୁଲ ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିବା ସହ ଶ୍ରୀଅରବିନ୍ଦଙ୍କ ଦୁର୍ଗାସ୍ତୋତ୍ର ଆବୃତ୍ତି କରିଥିଲେ। ସୁନୀତା ରଥ ମା ପୁସ୍ତକର ତୃତୀୟ ପରିଚ୍ଛେଦ ପାଠ କରିଥିବା ବେଳେ ଅଧ୍ୟକ୍ଷ ଉଗ୍ରସେନ ପୋଢ ବାର୍ଷିକ ବିବରଣୀ ପାଠ କରିଥିଲେ। ବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗଣିତ ପ୍ରାଧ୍ୟାପକ ଡ. ଅରୁଣ କୁମାର ତ୍ରିପାଠୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ରାହ୍ମଣୀପାଲି ସ୍କୁଲ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ପଧାନ, ପୂର୍ଣ୍ଣଚନ୍ଦ୍ର ମହନ୍ତ ଓ ଟ୍ରଷ୍ଟି ବୀରେନ୍ଦ୍ର ପାଣିଗ୍ରାହୀ, ଶ୍ରୀଧର ସାହୁ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ପରିଚାଳନା ଟ୍ରଷ୍ଟି ଉଦିତ ପ୍ରସାଦ ବାବୁ କୃତଜ୍ଞତା ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀଛାତ୍ର ନୃତ୍ୟଗୀତ ଓ ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ । ସନ୍ଧ୍ୟା ଅଧିବେଶନରେ ସ୍ୱତନ୍ତ୍ର ପାଠଚକ୍ର ହୋଇଥିଲା।

## ରାମାୟଣରେ ମନ୍ଥରା ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର, ୨୨।୪ (ବ୍ୟୁରୋ)**

ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ରାମାୟଣରେ ମନ୍ଥରା ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ଗୋପୀନାଥ ଷଡଙ୍ଗୀ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଜନ୍ମଜୟ ବାବୁ ବକ୍ତବ୍ୟ ପ୍ରଦାନ କରିଥିଲେ । ନିଜ କର୍ମ ଯୋଗୁଁ ମନ୍ଥରା ସମସ୍ତଙ୍କର ଅପ୍ରିୟ ହୋଇଥିଲେ । କିନ୍ତୁ ତାଙ୍କ କର୍ମର ଉଦ୍ଦେଶ୍ୟ ଜଗତ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଯୁଗ୍ମ ସମ୍ପାଦିକା ଚଞ୍ଚଳା ବନିକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶଙ୍କର୍ଷଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ମଚାରୀଙ୍କ ବକେୟା ପାଉଣା ୨ମାସରେ ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ

**ହୀରାକୁଦ, ୨୨।୪ (ଡି.ଏନ.ଏ.)**

ହୀରାକୁଦ ଶିଳ୍ପାଞ୍ଚଳ ଦିନେ କର୍ମ ଚଞ୍ଚଳ ଥିଲା। ଆଜି ତାହା ଅତୀତ। ରାଜ୍ୟ ସରକାରଙ୍କ ଅପାରଗତା, ଆନ୍ତରିକହୀନତା, ପରିଚାଳନାଗତ ତ୍ରୁଟି ଏଥିପାଇଁ ଦାୟୀ। ଏଥି ଯୋଗୁ ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଅଧୀନ ହୀରାକୁଦ ଇଣ୍ଡଷ୍ଟ୍ରିଆଲ ୱାର୍କସ (ଏଚ୍‌ଆଇଡବ୍ଲୁ), ହୀରାକୁଦ ରି ରୋଲିଂ ମିଲ୍, ହୀରା କେବୁଲ ୱାର୍କ୍ସ ଭଳି ୩ଟି ସଂସ୍ଥା ଆଜି ନିଜର ସତ୍ତା ହରାଇଛି। ଶହ ଶହ ଶ୍ରମିକ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ବେଆଇନ ଭାବେ ବନ୍ଦ ହୋଇଯିବା ଯୋଗୁ ଶହ ଶହ ଶ୍ରମିକ ଦରମା ନ ପାଇ ବେକାର ବସି ରହିଛନ୍ତି। ଶେଷରେ ଶ୍ରମିକମାନେ ଉଚ୍ଚ ନ୍ୟାୟାଳୟର ଶରଣାପନ୍ନ ହୋଇଥିଲେ। ନ୍ୟାୟାଳୟ ଗତ ୮ ତାରିଖରେ ଏକ ଅନ୍ତରୀଣ ଆଦେଶ (ଡବ୍ଲୁପିସି ନଂ.– ୭୯୩୯/୨୦୧୧) ଦେଇଛନ୍ତି। କର୍ମଚାରୀଙ୍କ ବକେୟା ପାଉଣା ୨ ମାସ ଭିତରେ ଦେବାକୁ ଆଦେଶ ଦିଆଯାଇଛି

ସ୍ଥାନୀୟ ଏକ କମ୍ପାନୀ ଏଚ୍‌ଆଇଡବ୍ଲୁର ରେଲୱେ ଲାଇନ, ମାଲଗାଡି, ଇଞ୍ଜିନକୁ ନିଜ ଅକ୍ତିଆରକୁ ନେଇ ନିଜ ବ୍ୟବସାୟ କାମରେ ଚଳାଇ ଆସୁଛି । ଦୀର୍ଘ ୧୩ ବର୍ଷ ହେଲା ଏଥିରୁ ଅର୍ଥ ଉର୍ପାଜନ କରଛି। ହେଲେ ଶ୍ରମିକମାନେ ଦୀର୍ଘ ଦିନର ପାଉଣା ପାଇଁ ଶ୍ରମ କମିଶନରଙ୍କଠାରୁ ଆରମ୍ଭ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡୁଛି। ପୁଞ୍ଜି ଅଭାବରୁ ମାତ୍ର ୫ କୋଟି ଟଙ୍କାରେ ଏହି କାରଖାନାକୁ ବିକ୍ରି କରି ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଶ୍ରମ ବିଭାଗକୁ ଏହାର ରିଟେଣ୍ଡର ଏବଂ ମୂଲ୍ୟାୟନ ଦାୟିତ୍ୱ ଦିଆଯାଇଛି । ତେବେ ଟେଣ୍ଡର ପାଇଁ ଛାପା ଗଣମାଧ୍ୟମରେ ଯେଉଁ ବିଜ୍ଞାପନ ଦିଆଯିବ ସେ ବାବଦକୁ ସମ୍ପୃକ୍ତ କମ୍ପାନୀ ଖର୍ଚ୍ଚ ବହନ କରିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ଏହାର ୧୫୭ ଏକର ୨୬ ଡିସିମିଲ ଜମି ପଡିରହିଛି । ଶ୍ରମିକମାନଙ୍କ ଦେୟ ବାବଦରେ ୪୫ କୋଟି, ୬୬ ଲକ୍ଷ ୬୭ ହଜାର ୧୩୩ ଟଙ୍କା ନିର୍ଦ୍ଧାରିତ କରାଯାଇଛି । ସୁପ୍ରିମକୋର୍ଟଙ୍କ ଆଦେଶ ବଳରେ ସମ୍ବଲପୁର ଶ୍ରମ ଅଦାଲତ ୨୦୧୬ ନଭେମ୍ବର ୧୧ରେ ଏହି ଦେୟ ନିର୍ଦ୍ଧାରଣ କରିଥିଲେ। ଏଣୁ ୨ମାସ ଭିତରେ ଟେଣ୍ଡର ଜରିଆରେ ପୁନଃ ମୂଲ୍ୟାୟନ ପକ୍ରିୟା କରାଯିବ ।

ହୀରାକୁଦରେ ୩ୟ ସ୍ପିଲ ୱେ ପାଇଁ ହେଉଥିବା କାର୍ଯ୍ୟ ଏହି କମ୍ପାନୀ ଜାଗାରେ କରାଯାଉଛି। ଏଣୁ ଏହାର ପ୍ରାୟ ଜମି ଖୋଳାଯାଇ କାମ ଆରମ୍ଭ କରାଗଲାଣି । ଏଥିପାଇଁ ରାଜ୍ୟ ଜଳସେଚନ ବିଭାଗ ଏଚଆଇଡବ୍ଲୁ କମ୍ପାନୀକୁ ଅବଶ୍ୟ କ୍ଷତିପୂରଣ ବାବଦରେ ଶ୍ରମିକମାନଙ୍କୁ କିଛି ଅର୍ଥ ପୈଠ କରିଛି। ତେବେ ଏ ସମ୍ପର୍କରେ ହୀରାକୁଦ ଇଣ୍ଡଷ୍ଟ୍ରିଆଲ ୱାକର୍ସର ସାଧାରଣ ସମ୍ପାଦକ ଗୋପକୃଷ୍ଣ ଦାସ କହିଛନ୍ତି ଯେ, ତିନି ତିନିଟି କମ୍ପାନୀକୁ ବୁଡାଇବାରେ ରାଜ୍ୟ ସରକାର ଦାୟୀ। ବିଭିନ୍ନ ସମୟରେ ଆମେ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଛୁ। ହେଲେ ଏହି ୩ଟି କମ୍ପାନୀକୁ କାର୍ଯ୍ୟକ୍ଷମ କରିବାକୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଏହି କମ୍ପାନୀଗୁଡିକ ହୀରାକୁଦ ବନ୍ଧର ୩ୟ ସ୍ପିଲ ୱେ କାମରେ ଲୀନ ହେବାକୁ ଯାଉଛି। ରାଜ୍ୟ ଶିଳ୍ପ ବିଭାଗ ତୁରନ୍ତ ବକେୟା ଦରମା ଦେବା ପାଇଁ ପଦକ୍ଷେପ ନେବାକୁ ଶ୍ରମିକମାନେ ଦାବି କରିଛନ୍ତି।

### ସୋସିଆଲ ମିଡିଆରେ ଆପତ୍ତିଜନକ ଫଟୋ

## ପ୍ରଶାସନ, ସାଇବର ଥାନାରେ ଭାଜପାର ଅଭିଯୋଗ

**ସମ୍ବଲପୁର,୨୨।୪(ବ୍ୟୁରୋ)**

ସୋସିଆଲ ମିଡିଆରେ ଆପତ୍ତିଜନକ ଫଟୋ ପୋଷ୍ଟ କରାଯାଇଥିବା ନେଇ ଭାଜପା କର୍ମକର୍ତ୍ତା ଜିଲାପାଳ ଶୁଭମ ସକସେନା ଓ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ପ୍ରାଧନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଓ କେନ୍ଦ୍ରୀୟ ନେତାମାନଙ୍କ ଫଟୋ ରହିଛି । ସେହି ଫଟୋରେ ଭାଜପାକୁ କଟାକ୍ଷ କରାଯାଇଛି। ଏଣୁ ଏହା ଘୃଣ୍ୟ ମାନସିକତାର ପରିଚୟ ଦେଉଛି। ଦେଶର ପ୍ରଧାନମନ୍ତ୍ରୀଙ୍କ ନାମରେ ଏଭଳି ପୋଷ୍ଟ କରିବା ଅପରାଧ। ତାଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଉଛି। ତେଣୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏମାନେ ଦାବି କରିଥିଲେ । ସେମାନେ ଆହୁରି ମଧ୍ୟ କହିଥିଲେ ଯେ, କିଛି ଦିନ ତଳେ ସୋସିଆଲ ମିଡିଆରେ କଟୁ ମନ୍ତବ୍ୟ ଦେବାରୁ ବୁର୍ଲା ଭାଜପା ଯୁବ ମୋର୍ଚ୍ଚାର ଜଣେ ସଦସ୍ୟଙ୍କୁ ଗିରଫ କରାଯାଇଥିଲା । ପୋଲିସ ସେ ସମୟରେ ତତ୍ପରତା ଦେଖାଇଥିଲା । ତେଣୁ ଏହି ଅଭିଯୋଗ ଉପରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଗୋବିନ୍ଦ ଅଗ୍ରୱାଲ, ମାନସ ବକ୍ସି, ଶ୍ରୀକାନ୍ତ ପାଣିଗ୍ରାହୀ, ଦେଓ କିରଣ ପଟ୍ଟନାୟକ ପ୍ରମୁଖ ଜିଲାପାଳ ଓ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ ।



ସମ୍ବଲପୁର ଜିଲାପାଳ ଶୁଭମ ସକସେନାଙ୍କୁ ଭାଜପା ନେତାମାନେ ଅଭିଯୋଗ କରୁଛନ୍ତି ।

## ଚଢାଉ କରି ନିରାଶ ହେଲା ଟିମ୍

**ସମ୍ବଲପୁର,୨୨।୪(ବ୍ୟୁରୋ)**

ସମ୍ବଲପୁର ନିର୍ବାଚନ ମଣ୍ଡଳୀ ଅଧୀନ ହୀରାକୁଦର ମନୋଜ ମିଶ୍ରଙ୍କ ଘରେ ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ଚଢାଉ କରି ନିରାଶ ହୋଇଛି। ତାଙ୍କ ଘରେ ପ୍ରାୟ ୭୦ ଲକ୍ଷ ଟଙ୍କା ଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ଟାଉନ ଥାନା ଅନ୍ତର୍ଗତ ମୁଦିପଡାର ରାଜଲକ୍ଷ୍ମୀ ପ୍ରଧାନଙ୍କ ଘରେ ଚଢାଉ କରାଯାଇଥିଲା । ପ୍ରାୟ ୪୫ ଲକ୍ଷ ଟଙ୍କା ରହିଥିବା ଅଭିଯୋଗ ହୋଇଥିଲା । ପ୍ରାୟ ଏକ ଘଣ୍ଟା ଧରି ଘରର ସବୁଆଡେ ଯାଞ୍ଚ କରାଯାଇଥିଲା। ହେଲେ ଟଙ୍କା ନ ମିଳିବାରୁ ଟିମ୍‌କୁ ନିରାଶ ହେବାକୁ ପଡିଥିଲା। ସେହିପରି ଅଇଁଠାପାଲି ଥାନା ଦୁର୍ଲଭା କଲ୍ୟାଣ ମଣ୍ଡପରେ ଟଙ୍କା ଓ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଉଥିବା ପୋଲିସ ପାଖରେ ଅଭିଯୋଗ କରାଯାଇଥିଲା । ଏକ ଟିମ୍ ପହଞ୍ଚିଥିଲେ ବି ନିରାଶ ହୋଇଛନ୍ତି। ଏସ୍‌ପି ସଞ୍ଜୀବ ଆରୋରା କହିଛନ୍ତି ଯେ, ଅଭିଯୋଗ ଉପରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ପୋଲିସ ସଜାଗ ଅଛି। ଭୋଟରଙ୍କୁ ପ୍ରଲୋଭିତ କରିବାକୁ ନିଶାଦ୍ରବ୍ୟ ଓ ଟଙ୍କା ପ୍ରଭୃତି ଯେଭଳି କେହି ନ ବାଣ୍ଟନ୍ତି ସେଥିପ୍ରତି ଧ୍ୟାନ ଦିଆଯାଉଛି।

## ନିଖୋଜ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା | ଜରଡ଼ା ଥାନାରେ ପୁଣେ ପୋଲିସ

ପାତ୍ରପୁର,୨୨।୪(ଡି.ଏନ୍.ଏ.)

ପୁଣେ ସହରର ଓଡ଼ିଆ ଯୁବତୀ ପ୍ରିୟଙ୍କା ପ୍ରଧାନଙ୍କ ହତ୍ୟା ଘଟଣାରେ ଜରଡ଼ା ଥାନାରେ ଅଟକ ଥିବା ଜଣେ ଯୁବକଙ୍କୁ ନେବା ପାଇଁ ସୋମବାର ପୁଣେର ଶିଖରପୁରା ପୋଲିସ ପହଞ୍ଚିଛି। ସବ୍‌ଇନ୍ସପେକ୍ଟର ନିଲଙ୍ଗ ଏକର ଓ କନଷ୍ଟେବଲ ନାଗର ଭୁଜେ ଜରଡ଼ା ଥାନାରେ ପହଞ୍ଚି ଉକ୍ତ ଯୁବକଙ୍କୁ ପାତ୍ରପୁର ମାଜିଷ୍ଟ୍ରେଟଙ୍କ ପାଖକୁ ନେଇ ବୟାନ ରେକର୍ଡ଼ କରିଥିଲେ। ପରେ ଜରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପରୀକ୍ଷା କରି ଅଧିକା ତଦନ୍ତ ପାଇଁ ପୁଣେ ନେଇଛନ୍ତି। ତଦନ୍ତ ପରେ ପ୍ରିୟଙ୍କା ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଆନ୍ଧ୍ରର ମହାଦେଇପୁର ଗ୍ରାମରେ ବିବାହ କରିଥିବା କେ. ନୂଆଗାଁ ଫାଣ୍ଡି ବିରସିଂହଲକ୍ଷ୍ମୀନାରାୟଣ ପୁର ଗାଁର ପ୍ରିୟଙ୍କା ମାର୍ଚ୍ଚ ୧୧ ତାରିଖରେ ମାମୁ ଘର ଦେସାରୀ ଗ୍ରାମରୁ ସାମନ୍ତିଆପଲ୍ଲୀ ଭରତ ପତି କଲେଜକୁ ପରୀକ୍ଷା ଦେବାକୁ ଆସି ନିଖୋଜ ହୋଇଯାଇଥିଲେ। ଶନିବାର ପୁଣେର ଏକ ବନ୍ଦ କୋଠରୀରୁ ତାଙ୍କ ମୃତଦେହ ପୁଣେ ପୋଲିସ ଉଦ୍ଧାର କରି ଜରଡ଼ା ଥାନା ଓ ପରିବାରକୁ ଖବର ଦେଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ଟିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଜଣେ ଯୁବକଙ୍କୁ ରବିବାର ଜରଡ଼ା ଥାନାକୁ ନେଇ ଅଟକ ରଖିଥିଲେ।

## ନଦୀରେ ବୁଡ଼ି ଯୁବକ ମୃତ

ଦିଗପହଣ୍ଡି/ଟିକିଟି, ୨୨।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତ ବଜ୍ରଗୁମ୍ଫା ଗ୍ରାମ ବହୁଦା ନଦୀ ଗଣ୍ଡରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଜରଡ଼ା ଥାନା ସୁରଙ୍ଗୀ ନିକଟ ସୁମାଣ୍ଡି ଗ୍ରାମର ନିରାକାର ଗୌଡ଼। ସୋମବାର ସକାଳ ପ୍ରାୟ ୭ଟାରେ ସେ ତାଙ୍କ ଶ୍ୱଶୁର ଘର ଗାଁ ବଜ୍ରଗୁମ୍ଫା ଆସିଥିଲେ। ନଦୀ ଗଣ୍ଡକୁ ଗାଧୋଇବା ପାଇଁ ଯାଇ ଅସାବଧାନତା କାରଣରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ନଦୀରେ ଗାଧୋଉଥିବା କେତେକ ବ୍ୟକ୍ତି ଦିଗପହଣ୍ଡି ଅଗ୍ନିଶମ ବାହିନୀ ଜଣାଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳେ ପହଞ୍ଚି ନିରାକାରଙ୍କୁ ଉଦ୍ଧାର ପାଇଁ ସମସ୍ତ ଚେଷ୍ଟା କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ମିଳି ନ ଥିଲା। ପରେ ଛତ୍ରପୁରସ୍ଥିତ ଓଡ୍ରାଫ୍ ଟିମକୁ ଖବର ଦିଆଯାଇଥିଲା। ଅପରାହ୍ନରେ ଓଡ୍ରାଫ୍ ଟିମ ସଦସ୍ୟ ଓ ଅଗ୍ନିଶମ ବାହିନୀର ପ୍ରଶିକ୍ଷିତ ବୁଡ଼ାଳୀମାନେ ଆସି ଦୀର୍ଘ ୧୦ ଘଣ୍ଟାର ଅପରେଶନ ପରେ ସନ୍ଧ୍ୟା ସାଢ଼େ ୫ଟାରେ ପ୍ରାୟ ୪୦ ଫୁଟ ଗଭୀର ପାଣିରୁ ନିରାକାରଙ୍କ ମୃତଦେହକୁ ଉଦ୍ଧାର କରିଥିଲେ।

ବଜ୍ରଗୁମ୍ଫା ଗାଁ ସମେତ ଆଖପାଖ ଗ୍ରାମବାସୀ ଅଗ୍ନିଶମ କର୍ମଚାରୀଙ୍କୁ ସହାୟତା କରିଥିଲେ। ଏ ନେଇ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରା ନଂ. ୬/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛନ୍ତି।






■ବାପ୍ ଆରପାରେ, ମା'ର ପତା ନାଇଁ

## ଅଁଧାରକେ ଠେଲି ହେଉଛେ ୩ ଛୁଆକର ଭବିଷତ୍



ମା'ବାପ୍ ଛେଉଁଡ଼ ଦୁଇ ଭାଇ।

ରାଉରକେଲା ଅଫିସ,୨୨।୪

କାମଧଁଦା ଖୁଜବାର ଲାଗି ମା' ଘର ଛାଡ଼ି କେନ୍‌ଆଡ଼େ ପଲେଇଗଲେ। ଆଏଜ୍‌ତକ୍ ତାକର ପତା ନାଇଁ ମିଲବାର। କିଏ କହୁଛେ ଦଲାଲମାନକର ଶିଖାପଢ଼ାରେ ଦିଲ୍ଲୀ ଯାଇଛନ୍ ତ ଆର କିଏ କହୁଛେ ମୁମ୍ବାଇ। ଇ ବାବ୍‌ଦେ ଗଲା ୩ ବଛର ହେଲା ପଡ଼ାବାସୀକର ପାସେ କିଛି ଖବର ନାଁଇଁନ। ଏନ୍‌ତାଥି ବାପ୍ ରୋଗ୍‌ରେ ପଡ଼ି ଗଲା ୧୫ ତାରିଖ ଆରପାରକେ ଚାଲିଗଲେ। ପଡ଼ାବାସୀ ଚାଁଦାଭେଦା କରି ତାକର ଶବ ସତ୍‌କାର କଲେ। ଇଆଡ଼େ ମା'ବାପ୍ ଛେଉଁଡ୍ ୩ ପିଲା ଅସାହା ହେଇଯାଇଛନ୍। କେନ୍‌ଠାନେ ରହିବେ, କିଏ ଖାଏବାକେ ଦେବା ଭାବି ବୁଧିବାଟ ବନା ହେଇଯାଉଛେ। ପଡ଼ାବାସୀ ବି ଉପେ ଶୂଇନ୍ ହେଇଯାଇଛନ୍। ବାପ୍ ଚାଲିଗଲା ଉତାରୁ ୫ ବଛର୍‌ର ଝିଁକେ କେହି ଝନେ ଲାଗେଲେସର ସାଂଗେ ନେଇଯାଇଛନ୍। ହେଲେ ଦୁଇ ନାବାଲକ ପିଲାକୁ ପାଖ୍‌ପଡ଼ିଶା ଖାଏବାକେ ଦେଇ ଘରେ ରଖିଛନ୍। ପିଲା ଦୁଇଟାକର ଆଏଁଖ୍‌ଥୁ ଲହ ନୁହେ ଶୁଖେ। ଏନ୍‌ତାଥି ଦୁଇ ଭାଇକର ଭବିଷତ୍ ଅଁଧାରକେ ଠେଲି ହେଇଯାଉଛେ।

ଏନ୍‌ତା ଗୁଟେ ଦୁଖର ଘଟନା ଦେଖ୍‌ବାକେ ମିଲିଛେ ଦକ୍ଷିଣ ରାଉରକେଲାର ଲାଲଟାଙ୍ଗି ସାନ୍ତାଳ ପଡ଼ାରେ। ଇଠାନେ ବହୁତ୍ ବଛର ଧରି ରହିଆସୁଥିବାର ମୋହନ ପୂର୍ତ୍ତି(୩୭), ମାଏକିନା ଲାଲି, ପୁଓ ଆକାଶ(୯), ଆଜାଦ(୭) ଆର ଝିଁ' ସିମରନ(୫) ଦିନେ ହସଖୁସିରେ ରହୁଥିଲେ। ମୋହନ କୁଲି ମଜୁରି କରି ପରିବାର ଚଲାଲାବେଳେ ମାଏକିନା ଲାଲି ତାହାକୁ ସହଯୋଗ କରୁଥିଲେ। ହେଲେ ଆଏଜ୍‌କେ ୩ ବଛର ତଲେ ଲାଲି କେନ୍‌ଗୁଟେ ଦଲାଲ୍‌ର ଶିଖାପଢ଼ାରେ ପଡ଼ି ଘରଛାଡ଼ି କେନ୍‌ଆଡ଼େ ପଲେଇଗଲେ। ଲୋକ୍ କହେବାର ହିସାବେ ଅଭାବ ଅନାଟନ ଲାଗି ଲାଲି ସବୁବେଲେ ଚିନ୍‌ତାରେ ରହୁଥିଲେ। ଅଧିକା କମାନି ଆଶ୍‌ରେ ସେ ଦିଲ୍ଲୀ କି ମୁମ୍ବାଇ ପଲେଇଛନ୍। ହେଲେ ସେ କେନ୍‌ଠାନେ ଅଛନ୍, କେନ୍‌ଥେଇ ଅଛନ୍ ସେ ବାବ୍‌ଦେ କାହାରି ପାସେ ଖବର ନାଁଇଁନ। ଲାଲି ପଲେଇଗଲା ଉତାରୁ ଏକ୍‌ଲା ହେଇଯାଇଥିଲେ ମୋହନ। ୩ ପିଲାଛୁଆକୁ କମେଇ ପୁଷ୍‌ବେ କି ପାଠ୍ ପଢ଼ାବେ ସେ ଚିନ୍‌ତାରେ ସେ ହରମେଶା ଘାରି ହେଉଥିଲେ। ତଥାପି ପାସର ସରକାରୀ ସ୍କୁଲରେ ଦୁଇ ପୁଓର ନାଁ ଲେଖେଇଥିଲାବେଲେ ଝିଁ'କେ ଅଙ୍ଗନୱାଡିରେ ଛାଡ଼ି କାମ୍‌ଧଁଦା କରି ଯାଉଥିଲେ। ଏନ୍‌ଥେଇ ଦୁଖେକଷ୍‌ଟେ ତାକର ସଁସାର ଚାଲିଥିଲା। ସବୁକଥା ଭାଲି ଭାଲି ଦିନୁ ଦିନ୍‌କେ ମୋହନ ଭାଂଗି ପଡ଼ଲେ। ଏନ୍‌ଥେଇ ସେ ରୋଗ୍‌ରେ ପଡ଼ଲେ। ଦିନ୍‌ଯାକ ହାଡ଼ଭଂଗା ପରିଶ୍ରମକେ ଚିକିସ୍ା ଅଭାବଟା ଶେଷେ ମୋହନକେ ମରନ୍ ମୁହୁଁକେ ଘିଚିନେଲା। ଦିନାକେତେ ସେ ରୋଗ୍‌ରେ ଖଟେ ପଡ଼ି ଆଏଁଖ୍ ମୁଜିଦେଲେ। ମା'ର ଖୋଜଖବର ନାଇଁଥିଲା ବେଲେ ବାପର ଉଢ଼ାଲେ ରହିଥିଲେ ୩ ଛୁଆ। ହେଲେ ଏହେଦେ ସେମାନେ ପୂରାପୂରି ଅସାହା। ଘଟନା ବାବ୍‌ଦେ ଖବରପାଇ ମୋହନକଁର କେହି ଝନେ ଲାଗେଲେସର ଆସି ଝିଁ'କେ ନେଇଗଲେ। ଦୁଇ ପୁଓ ଆକାଶ ଆର ଆଜାଦ ପାଖ୍‌ପଡ଼ିଶାକର ଆଶ୍‌ରାରେ ରହିଛନ୍। ମା' ଲାଲିର ନାଁରେ ଥିବାର ରାଶନ କାର୍ଡ ଏହେଦେ ଅଚଲ। ଆଧାର କାର୍ଡ ଅଭାବୁ ଇଥ୍‌ରେ ମୋହନ କି ତାକର ପିଲାଛୁଆକର ନାଁ ନାଇଁ ଚଢ଼ି ପାରଲା। ଲାଲି ଘରଛାଡ଼ି ପଲେଇଥିବାର ଲାଗି ରିଟେଲର ବି ଚାଉଲ ନାଇଁ ଦେବାର। ପେଟ୍‌କେ ଯେତେବେଲେ ମୁଠେ ଖାଏବାକେ ନାଇଁ ମିଲବାର ଏନ୍‌ତାଥି ପାଠ୍‌ପଢ଼ା ଚିନ୍‌ତା କେନ୍‌ନୁ ଆଏବା। ଇଆଡ଼େ ମୋହନ କି ଲାଲିର ନିଜର ଘରର ଠିକ୍‌ନା ଖୁଜି ନାଇଁ ପାଏବାର ପଡ଼ାବାସୀ। ଏହେଦେ ପ୍ରଶ୍ନ ଉଠୁଛେ ଇ ୩ ପିଲାକର ଭବିଷତ୍ କେନ୍‌ଥେଇ କଟବା। ବାପ୍ ପଡ଼ାରେ ତିଆରି କରିଥିବାର ଘରଟାକେ ଛାଡ଼ିଦେଲେ ଇମାନକର ପାସେ ଆର କିଛି ନାଇଁ। ଲାଗେଲେସର କାହାରି ଠିକ୍‌ନା କାହାକେ ଜନା ନାଇଁ। ଏନ୍‌ତାଥି କେତେଦିନ୍ ପଡ଼ିଶା ଘରେ ପଡ଼ି ରହିବେ ଦୁଇ ନାବାଲକ ଭାଇ। ଏନ୍‌ତା ଦୁଇଛକିରେ ପଡ଼ିଥିବାର ପଡ଼ାବାସୀ ଏହେଦେ ମୋହନର ଲାଗେଲେସରମାନକୁ ଟାକବାର ଛଡ଼ା ଉନିଆ କିଛି ବାଟ ନାଇଁ ବଲି କହିଛନ୍।









## ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବନ୍ତ, ୨୨।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ହଳଦୀ ପହଣୀ ମୌଜାର ବିଲ ମଝିରେ ଥିବା ଏକ ଆମ୍ବ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ମଧ୍ୟାହ୍ନରେ ଉଦ୍ଧାର କରିଛି। ମୃତଦେହ ମହାନ୍ତିପଡା ଗ୍ରାମର ଅଜୟ ମହାରଣାଙ୍କ ସ୍ତ୍ରୀ ଶକୁନ୍ତଳାଙ୍କର ହୋଇଥିବା ଚିହ୍ନଟ ହୋଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନା ଅନୁସାରେ, ମହାନ୍ତିପଡ଼ା ଗ୍ରାମର ଅଜୟ ୨୦ବର୍ଷ ତଳେ ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ ବଡକମାରୀ ଗ୍ରାମର ଅର୍ଜୁନ ବେହେରାଙ୍କ ଝିଅ ଶକୁନ୍ତଳା(୪୨)ଙ୍କୁ ବିବାହ କରିଥିଲେ। ଶକୁନ୍ତଳା ଗତ ରବିବାର ସକାଳେ ବାପଘର ବଡକମାରୀ ଗ୍ରାମକୁ ଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ସେ ଶାଶୁଘରକୁ ଫେରିଥିଲେ ହେଁ ସନ୍ଧ୍ୟା ସୁଦ୍ଧା ପହଞ୍ଚି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ମଧ୍ୟାହ୍ନରେ ବିଲ ମଝିରେ ଆମ୍ବଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଏନେଇ ଶକୁନ୍ତଳାଙ୍କ ଭାଇ ଅଭିମନ୍ୟୁ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।




## ସଂକ୍ଷେପରେ



### ମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗାଇସିଲେଟ,୨୨।୪(ଡି.ଏନ.ଏ)
ଗାଇସିଲେଟ ବ୍ଲକ ଫିରିଙ୍ଗିମାଳ ପଞ୍ଚାୟତର ଛିନ୍ଦ୍ରାପାଲି ଗ୍ରାମରେ ନବନିର୍ମିତ ମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ସୋମବାର ହୋଇଛି । ଏହି ଅବସରରେ ନଅ କୁଣ୍ଡୀୟ ଯଜ୍ଞକୁଣ୍ଡ ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଟଙ୍କଧର ଦାଶ ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଉଥିବା ବେଳେ ଲକ୍ଷ୍ମୀକାନ୍ତ ମିଶ୍ର, ସଞ୍ଜୟ ଦାଶ ଚଣ୍ଡୀପାଠ କରୁଛନ୍ତି। ପଣ୍ଡିତ ଯାଜ୍ଞେଶ୍ୱର ନନ୍ଦ, ନବୀନ କିଶୋର ଦାଶ, ତାରିଣୀ ପ୍ରସାଦ ଦାଶ, ଲଳିତ ମୋହନ ମିଶ୍ର, ଯୁଧିଷ୍ଠିର ପାଢୀ, ପ୍ରକାଶ ନନ୍ଦ ସହଯୋଗ କରୁଛନ୍ତି। ଯଜ୍ଞରେ ଜତିନ୍ଦ୍ର ସାହୁ, ଗୋପାଳ ସାହୁ, ନିର୍ମଳ ସାହୁ, ସତ୍ୟନାରାୟଣ ସାହୁ, ସୀତାରାମ ବରିହା, ରାଜକୁମାର ଭୋଇ, ଶିବ ପ୍ରସାଦ ସାହୁ, ପ୍ରେମରାଜ ସାହୁ, ପୃଥ୍ୱୀରାଜ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସୁନାମଧନ୍ୟ ଗାୟକ ପଣ୍ଡିତ ସୁରେନ୍ଦ୍ର କୁମାର ତ୍ରିପାଠୀ ବ୍ୟାସ ଭାବେ ରାମାୟଣ ପାରାୟଣ କରୁଥିବା ବେଳେ ହୃଷିକେଶ ସାହୁ, ପିତାମ୍ବର ଭୋଇ ଓ ବରୁଣ ଭୋଇ ବାଦ୍ୟଯନ୍ତ୍ରରେ ସହଯୋଗ କରୁଛନ୍ତି । ସନ୍ଥ ଲକ୍ଷ୍ମୀନାରାୟଣ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଗୋକୁଳାନନ୍ଦ ପଧାନ ପ୍ରବଚନ ଦେଉଛନ୍ତି । ଶୁକ୍ରବାର ମୁକ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରବେଶ ପରେ ପ୍ରତିଷ୍ଠା କାର୍ଯ୍ୟ ସମାପନ ହେବ । ମନୋରଞ୍ଜନ ସକାଶେ ମିନା ବଜାର, ସମ୍ପ୍ରଦା, ସଞ୍ଚାର, ଦଣ୍ଡନୃତ୍ୟ ଓ ଅପେରା ପରିବେଷଣ କରାଯାଉଛି ।

### ବିଶ୍ୱ ଧରିତ୍ରୀ ଦିବସ ପାଳିତ

ଭେଡ଼େନ, ୨୨।୪(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟି ହାଇସ୍କୁଲ ପରିସରରେ ସୋମବାର ବରଗଡ଼ ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ଜିଲାସ୍ତରୀୟ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଗଜପତି ମହାକୁରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରମୋଦ କୁମାର ହୋତା ମୁଖ୍ୟ ଅତିଥି, ବରଗଡ଼ ବନାଞ୍ଚଳ ଅଧିକାରୀ ମହେନ୍ଦ୍ର ପାତ୍ର ମୁଖ୍ୟବକ୍ତା, ପ୍ରକୃତିବନ୍ଧୁ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ, ଶିକ୍ଷକ ଜୟକୃଷ୍ଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଇକୋ କ୍ଲବ ସଂଯୋଜକ ଯଦୁମଣି ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ଭାସ୍କର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରାରେ ଧରିତ୍ରୀର ସୁରକ୍ଷା ବାର୍ତ୍ତା ଦେଇ ଗ୍ରାମ ପରିକ୍ରମା ହୋଇଥିଲା ।

## କାଳବୈଶାଖୀରେ ଫସଲ ଉଜୁଡ଼ିଲା

# କ୍ଷତିପୂରଣ ପାଇଁ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ,୨୨।୪**

ବରଗଡ଼ ଜିଲାରେ ଶୁକ୍ରବାର କାଳବୈଶାଖୀ ଜନିତ ଝଡବର୍ଷା ଓ କୁଆପଥର ମାଡ ଯୋଗୁ ଫସଲ ଉଜୁଡ଼ି ଯାଇଛି । ଫଳରେ ଚାଷୀମାନେ ଫସଲ ଅମଳ ନେଇ ଆଶଙ୍କାରେ ରହିଛନ୍ତି। ସୋମବାର ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ମର୍ମରେ ଶତାଧିକ ଚାଷୀ ଜିଲାପାଳଙ୍କ ପ୍ରକୋଷ୍ଠକୁ ଆସି ୩ ଦଫା ଦାବିପତ୍ର ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ ଚାଷର ଆକଳନ ରିପୋର୍ଟ ଶୀଘ୍ର ପ୍ରଦାନ କରାଯିବା, ଚାଷୀଙ୍କ ବୀମା ପ୍ରାପ୍ୟ ପାଇଁ ଆବଶ୍ୟକ ପଦକ୍ଷେପ ନେବା, ପୂର୍ବର ବକେୟା ବୀମା ପ୍ରାପ୍ୟ ପ୍ରଦାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡ଼ି ପ୍ରଦାନ କରିବା ସହ ହେକ୍ଟର ପିଛା ୨୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ବୋଲି ଚାଷୀମାନେ ଦାବି କରିଥିଲେ । ଏହି ଦାବି ଗୁଡ଼ିକ ଶୀଘ୍ର ପୂରଣ ନ ହେଲେ ଆଗାମୀ ଦିନରେ ଚାଷୀମାନେ ଚରମ ନିଷ୍ପତ୍ତି ନେବେ ବୋଲି ସଙ୍ଗଠନ ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଚନ୍ଦ୍ର ଦେବତା, ପ୍ରଣବ କୁମାର ସିଂ, ସୁଜିତ କୁମାର ପ୍ରଧାନ ଏବଂ ରବିନ୍ଦ୍ର ନାଥ ବିଶି ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଏବେ ମିଶନ ଅରେଇଗୁଡ଼ି

**ଭେଡ଼େନ, ୨୨।୪(ଡ଼ି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ବ୍ଲକର ଅରେଇଗୁଡ଼ି ବୁଥ ନଂ-୨୩୫ରେ ଭିଭିପାଟ ମେଶିନର ଭୁଲ ପେୟାରିଂ ଯୋଗୁ ଭୋଟ ଗ୍ରହଣ ସମ୍ଭବ ହୋଇନାହିଁ । ଗୋଟିଏ ଚିହ୍ନରେ ଭୋଟ ଦେଲେ ଭିଭିପାଟରେ ଅନ୍ୟ ଚିହ୍ନ ଆସୁଥିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ନିର୍ବାଚନ ସ୍ଥଗିତ ରଖାଯାଇ ଅନ୍ୟଦିନରେ ଭୋଟ ଗ୍ରହଣ କରାଯିବା ପାଇଁ ନିର୍ବାଚନ କମିଶନଙ୍କୁ ସୁପାରିସ କରାଯାଇଥିବା ଜଣାପଡ଼ିଛି । ଏହି ଅବ୍ୟବସ୍ଥା ପାଇଁ ବୁଥ୍‌ର ପ୍ରିଜାଇଡିଂ ଅଫିସର ଏବଂ ସେକ୍ଟର ଅଫିସରଙ୍କୁ ନିଲମ୍ବିତ କରାଯାଇଛି । ତେବେ ଏହି ବୁଥ୍‌ରେ କେବେ ଭୋଟ ହେବ ତାହା ଜଣାପଡ଼ି ନ ଥିଲେ ମଧ୍ୟ ଏ ନେଇ ନେତା କର୍ମୀ ଓ ସାଧାରଣ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି । ଏବେ ସମସ୍ତଙ୍କ ନଜର ଅରେଇଗୁଡ଼ି ଉପରେ । ଏଠାରେ ପ୍ରତିଦିନ ନେତା ଏବଂ କର୍ମୀମାନଙ୍କ ଭିଡ଼ ହେଉଛି। ବିଧାନସଭା ପାଇଁ ପ୍ରାର୍ଥୀ ଥିବା ନିହାର ରଞ୍ଜନ ମହାନନ୍ଦ, ମିଳନ ସେଠ, ସ୍ନେହାଙ୍ଗିନୀ ଛୁରିଆ ଏହି ଗ୍ରାମକୁ ଆସି ଭୋଟରମାନଙ୍କୁ ମନାଇବାକୁ ଉଦ୍ୟମ କରୁଛନ୍ତି । ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ବଡ଼ଭାଇ ପ୍ରଫୁଲ୍ଲ ଆଚାର୍ଯ୍ୟ ମଧ୍ୟ ଆସି ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିଛନ୍ତି ।

# ଧୂସରବାହାଲ ଗ୍ରାମରେ ନାମଯଜ୍ଞ ଉଦ୍‌ଯାପିତ

**ସୋହେଲା,୨୨।୪(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ନିକଟସ୍ଥ ଧୂସରବାହାଲ ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ମହିଳାମାନେ ଜୁହ୍ନା କଟାରୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ଗ୍ରାମ ପରିକ୍ରମା କରିବା ପରେ ପୂଜାସ୍ଥଳରେ ସ୍ଥାପନ କରିଥିଲେ । ଏହାପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା । ଏଥିରେ ଗ୍ରାମର ଋଷଭ ପଧାନ ଓ ସୁନେଲି ପଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ସୁବାଷ ଆଚାର୍ଯ୍ୟ ପୂଜକ ଥିଲେ । ଏହି ନାମଯଜ୍ଞରେ ଖରମୁଣ୍ଡା(ବିଜେପୁର), ସତଲମା ଓ ବିଶିପାଲି(ବରପାଲି), ସରକଣ୍ଡା, ସିଧିରା, ବାଉଁସେନମୁରା, ସାଲେପାଲି ଓ ରେମଣ୍ଡା (ଭେଡେନ) ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେଇ ନାମଜପ କରିଥିଲେ । ନାମଯଜ୍ଞ କମିଟି ସଭାପତି ଉପେନ୍ଦ୍ର ପଧାନ, କୋଷାଧ୍ୟକ୍ଷ ପଦ୍ମନାଭ ପଧାନ, ଯୁଗଳ କିଶୋର ପଧାନ, ଦୁଃଶାସନ ବିଶ୍ୱାଳ, ଜୟକୃଷ୍ଣ ଭୋଇ, ଦିବାକର ବେହେରା, ପ୍ରଦୀପ ବିଶ୍ୱାଳ, ସନ୍ତୋଷ ସାହୁ, ନୋଟିସ ସାହୁ ତଥା ଗ୍ରାମର ଯୁବକମାନେ ନାମଯଜ୍ଞ ପରିଚାଳନା କରିଥିଲେ । ଯୁବନେତା ସୁବ୍ରତ ସିଂହ ଅତିଥି ଭାବେ ଯୋଗ ଦେଇଥିଲେ ।

## ମନ ମୋହିଲା ସୀତା ଠାବ, ଲଙ୍କା ଦହନ ନାଟକ

**ବାଉଁଶୁଣୀ, ୨୨।୪ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦର ଦଶମ ରଜନୀରେ ସୀତା ଠାବ ଓ ଲଙ୍କା ଦହନ ନାଟକ ଅଭିନୀତ ହୋଇଥିଲା । ପ୍ରଭୁ ରାମଚନ୍ଦ୍ର ବାଳୀ ବଧକରି ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାରେ ରାଜା କରିଥିଲେ ଏବଂ ଚାରି ଦିଗକୁ ଦୂତ ପ୍ରେରଣ କରିଥିଲେ। ଦକ୍ଷିଣ ଦିଗକୁ ହନୁମାନ, ଅଙ୍ଗଦ ପ୍ରଭୃତି ବୀରମାନେ ଯାତ୍ରା କରି ସମୁଦ୍ର କୂଳରେ ପ୍ରବେଶ କରିଥିଲେ । ୧୦୦ ଯୋଜନ ସମୁଦ୍ରକୁ ବୀର ହନୁମାନ ଲଙ୍ଘି ସୁବଳୟା କୂଳରେ ପହଞ୍ଚିଥିଲେ। ହନୁମାନ ବାଟରେ ରାକ୍ଷସୀମାନଙ୍କୁ ବିନାଶ କରିଥିଲେ ଏବଂ ଲଙ୍କାଗଡରେ ପ୍ରବେଶ କରି ଖୋଜି ଖୋଜି ଅଶୋକ ବନରେ ମାତା ଜାନକୀଙ୍କ ସହିତ ଭେଟ ହୋଇଥିଲେ। ସେଠାରେ ରାକ୍ଷସ ହନୁମାନଙ୍କୁ ଧରିବା ସହ ତାଙ୍କ ଲାଙ୍ଗୁଡରେ ନିଆଁ ଲଗାଇ ଦେଇଥିଲେ । ହନୁମାନଙ୍କ ଲାଙ୍ଗୁଡରେ ଅଗ୍ନି ସଂଯୋଗ ପରେ ସେ ସ୍ୱର୍ଣ୍ଣମୟୀ ଲଙ୍କାକୁ ପୋଡି ଛାରଖାର କରିଦେଇଥିଲା। ରାମ ଭୂମିକାରେ ସଞ୍ଜୟ, ଲକ୍ଷ୍ମଣ ବେଡା, ହନୁମାନ ହଳଧର, ସୀତା ଭୀମସେନ, ରାବଣ ଗୋପାଳ, ଇନ୍ଦ୍ରଜିତ ରୋହିତ, ଅଙ୍ଗଦ ଭୂମିକାରେ ଶଙ୍କରଙ୍କ ଅଭିନୟ ଚିତ୍ତାକର୍ଷକ ହୋଇଥିଲା ।

# ରାମାୟଣ: ସୀତାଚୋରି ନାଟକ ମଞ୍ଚସ୍ଥ

**ଘଣ୍ଟାପଡା, ୨୨।୪ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡାରେ ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ଶ୍ରୀରାମଲୀଳା ପୂଜନୋତ୍ସବ ଓ ନାଟ୍ୟୋତ୍ସବର ନବମ ସନ୍ଧ୍ୟାରେ ସୀତାଚୋରି ନାଟକ ମଞ୍ଚସ୍ଥ ହୋଇଛି । ସ୍ମାରକ ବ୍ୟାସଦେବ ଥନାପତିଙ୍କ ଦ୍ୱାରା ଆବୃତ ନାଟକ ସୀତାଚୋରିର ରାମ ଭୂମିକାରେ ଫକୀର ରଣା, ଲକ୍ଷ୍ମଣ ଅମର ସିଂହ ରଣା, ସୀତା ବୃଷଭ ରଣା, ରାବଣ ଜୟକୁମାର ଦେହୁରୀ, ଜତି ରାବଣ ବୀରବାହୁ ମଲିକ, ଶବରୀ କରୁଣାକର ଦେହୁରୀ ପ୍ରମୁଖ କଳାକାର ଅଭିନୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଦେହୁରୀ, ଟୁକୁ ମଲିକ, ଛିନୁ ମଲିକ, ଅରବିନ୍ଦ ସୁବଳ, ଇଶ୍ୱର, ଭୋଳାନାଥ ପ୍ରମୁଖ ସହଯୋଗ କରିଥିଲେ ।



ସୀତାଚୋରି ନାଟକର ଏକ ଦୃଶ୍ୟ ।

# ରାମଲୀଳା ମହୋତ୍ସବ ପାରାୟଣ ଉଦ୍‌ଯାପିତ



ଘଣ୍ଟାପଡା ଗ୍ରାମରେ ରାମାୟଣ ପାରାୟଣ ଚାଲିଛି ।

**ଘଣ୍ଟାପଡା, ୨୨।୪ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମର ଶ୍ରୀରଘୁନାଥ ନାଟ୍ୟ ସଂସଦ ଦ୍ୱାରା ଚାଲିଥିବା ଶ୍ରୀ ରାମଲୀଳା ମହୋତ୍ସବ ପାରାୟଣ ସୋମବାର ଉଦ୍‌ଯାପିତ ହୋଇଛି । ୯ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶରତ ମହାନ୍ତି ରାମାୟଣ ପାରାୟଣ କରିଥିଲେ । କିଶୋର ବିଶି ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ବିମ୍ବାଧର ପଣ୍ଡା, ମନୋଜ ପାଣିଗ୍ରାହୀ ଓ ଜିତେନ୍ଦ୍ର ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ସୋମବାର ମହାଆଡମ୍ବରରେ ପ୍ରଭୁ ରାମଚନ୍ଦ୍ରଙ୍କ ରାଜାଭିଷେକ କରିବା ପରେ ତାଙ୍କ ପ୍ରତିମାକୁ ନିକଟସ୍ଥ ଭାଗବତ ଟୁଙ୍ଗିରେ ସ୍ଥାପନ କରାଯାଇଥିଲା । ଏଥିରେ ଶ୍ରୀ ରଘୁନାଥ ନାଟ୍ୟ ସଂସଦର ସମସ୍ତ ବ୍ରତଧାରୀ ଉପସ୍ଥିତ ଥିଲେ ।

## ୨୪ ପ୍ରହର ନାମଯଜ୍ଞ ଆରମ୍ଭ

**ଜାମଟିକ୍ରା, ୨୨।୪ (ଡି.ଏନ.ଏ)**

ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ପଞ୍ଚାୟତର ବାଉଁସେନପାଲି ଗ୍ରାମରେ ସୋମବାରଠାରୁ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ମହିଳାମାନେ ନିକଟସ୍ଥ ଏକ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା । ପଣ୍ଡିତ ଆନନ୍ଦ ଶତପଥି ପୂଜା କାର୍ଯ୍ୟ ତୁଲାଉଛନ୍ତି। ଭରତ ଷାଣ୍ଡ ଓ ତୁଳସୀ ଷାଣ୍ଡ, ପବିତ୍ର କୁଦେଇ ଓ ଭାଗ୍ୟବତୀ କୁଦେଇ ପୂଜା କର୍ତ୍ତା ଅଛନ୍ତି । ଗୁରୁବାର ନାମଯଜ୍ଞର ପୂର୍ଣ୍ଣାହୂତି ହେବ । ରଙ୍କମଣି ଷାଣ୍ଡ, ପ୍ରହଲ୍ଲାଦ ଭୋଇ, ଜଗତ ବେହେରା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି ।

# ଦଧିବାମନଙ୍କ ଚନ୍ଦନ ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଦଧିବାମନଙ୍କ ଚନ୍ଦନ ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

**ଭଟଲି,୨୨।୪(ଡି.ଏନ.ଏ)**

ପଶ୍ଚିମୋଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲି ଦଧିବାମନ ଧାମ ଠାରେ ପବିତ୍ର ଚନ୍ଦନ ଯାତ୍ରା ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି । ଆସନ୍ତା ମେ ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ଦଧିବାମନଙ୍କ ପୀଠରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏହି ଚନ୍ଦନ ଯାତ୍ରା ପାଇଁ ସୋମବାର ସନ୍ଧ୍ୟାରେ ଶ୍ରୀ ଶ୍ରୀ ଦଧିବାମନ ମନ୍ଦିରରୁ ଏକ ଆଧାତ୍ମିକ ଶୋଭାଯାତ୍ରା ବାହାରିଥିଲା। ଶତାଧିକ ଗ୍ରାମବାସୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପରେ ମହାପ୍ରଭୁ ଦଧିବାମନଙ୍କ ଠାରୁ ଆଜ୍ଞାମାଳ ରଥଦାଣ୍ଡ ପଡ଼ିଆ ନିକଟସ୍ଥ ଚନ୍ଦନଯାତ୍ରା ମଞ୍ଚ ପାଖରେ ପହଞ୍ଚିବା ପରେ ସେଠାରେ ପୂଜାପାଠ କରାଯାଇଥିଲା। ଏହି ଦିନଠାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦଧିବାମନଙ୍କ ଆବିର୍ଭାବ ସ୍ଥଳୀ ଚକ୍ର ପୁଷ୍କରିଣୀରେ ଚାପ ଖେଳିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । କମିଟିର ସମ୍ପାଦକ ଗୋପାଳ ଚନ୍ଦ୍ର ଅଗ୍ରୱାଲଙ୍କ ନେତୃତ୍ୱରେ ଶତାଧିକ ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

■ ସମଲେଇଟିକ୍ରାରେ ପରବ ଚଇତ ଉଦ୍‌ଯାପିତ

# ବାବୁଖର୍ଛା, କୋଶଳ ବିଗୁଲ ପରିବେଷିତ

**ବରଗଡ଼ ଅଫିସ,୨୨।୪**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ପଞ୍ଚାୟତର ସମଲେଇଟିକ୍ରାରେ ଚାଲିଥିବା ପରବ ଚଇତ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ଖବରଦାତା ଉମେଶ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମଲେଇଟିକ୍ରାର ସମୃଦ୍ଧ ଲୋକସଂସ୍କୃତି, ପରମ୍ପରା ଓ ସାମାଜିକ ବିବିଧତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ମୋହନ ସାହୁ ସରକଣ୍ଡା ଗ୍ରାମର ନାଟକ ଉପରେ ଆଲୋଚନା କରିବାକୁ ଯାଇ ଏକଦା ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ଗାଁର ନାଟ୍ୟଦଳ ଦର୍ଶକ ମାନଙ୍କ ଉପରେ ଛାପ ପକାଇବାରେ ସକ୍ଷମ ହେବ ବୋଲି ପ୍ରକାଶ କରିଥିଲେ । ସେହିପରି ଖବରଦାତା ଗୋରେଖ ନାଥ ସାହୁ କୋଶଳ ଅଞ୍ଚଳର ଶାକ୍ତ ପରମ୍ପରା ଉପରେ ମତ ପ୍ରକାଶ କରିଥିଲେ । ଚଇତ ପରବ କମିଟିର ସଦସ୍ୟ ହର ବଣିଆଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦେବଦତ୍ତ ତ୍ରିପାଠୀ, ନାଟ୍ୟକାର ସୁଶୀଲ କୁମାର ସାହୁ, ତୁଷାର ପଣ୍ଡା, ଶ୍ରୀକାନ୍ତ ଷଡ଼ଙ୍ଗୀ, ଯୁବ କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'କୋଶଳ ବିଗୁଲ' ଏବଂ ସୋହେଲାର ଡ୍ରାମା ଚେତନା ପକ୍ଷରୁ ସମ୍ବଲପୁରୀ ନାଟକ 'ବାବୁଖର୍ଛା' ପରିବେଷଣ କରାଯାଇଥିଲା। ମହେଶ ବାରିକ ଏବଂ ବାଳମକୁନ୍ଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ବିଶ୍ୱ ସା ଧନ୍ୟବାଦ ଅର୍ପଣ କରିଥିଲେ ।



ସୋହେଲାର ଡ୍ରାମା ଚେତନା ପକ୍ଷରୁ ସମ୍ବଲପୁରୀ ନାଟକ 'ବାବୁଖର୍ଛା'ର ଏକ ଦୃଶ୍ୟ ।

■ ନିବେଦିତା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

# ଶିଶୁ ହସିଲେ ବିଦ୍ୟାଳୟ ହସିବ

**ଭଟଲି,୨୨।୪(ଡି.ଏନ.ଏ)**

ଶିଶୁ ହସିଲେ ବିଦ୍ୟାଳୟ ହସିବ। ବିଦ୍ୟାଳୟ ହସିଲେ ରାଜ୍ୟ, ଦେଶ ତଥା ସମଗ୍ର ବିଶ୍ୱ ହସିବ । ଶିଶୁର ହସରେ ହିଁ ବିଶ୍ୱର ଉନ୍ନତି ସମ୍ଭବ । ଶିଶୁର ସାମଗ୍ରିକ ବିକାଶ ବିଦ୍ୟାଳୟରେ ହିଁ ସମ୍ପନ୍ନ ହୋଇଥାଏ । ତେଣୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅଭିଭାବକ ମଧ୍ୟ ପୂର୍ଣ୍ଣମାତ୍ରାରେ ଶିଶୁପ୍ରତି ଦୃଷ୍ଟି ଦେବା ଉଚିତ । ଏହାହେଲେ ଶିଶୁ ବିଦ୍ୟାଳୟ ଶିକ୍ଷା ପ୍ରତି ଆକୃଷ୍ଟ ହେବା ସହିତ ବିଶ୍ୱଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ସ୍ଥିତ ନିବେଦିତା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟର ଅଧକ୍ଷ ବୀରେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାପକ ଡା. କାମଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ରଞ୍ଜିତ ସାହୁ, ଭଟଲି ବିଡିଓ ଧିରେନ୍ଦ୍ର କୁମାର ସେଠୀ, ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ମଧୁଲିକା ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିବାବେଳେ ଏକତା ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବାର୍ଷିକୋତ୍ସବରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପ୍ରସ୍ତୁତ ହେଉଛନ୍ତି ।



"ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ୍ୟ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ

## ସଂକ୍ଷେପରେ

### ଶିଶୁକନ୍ୟା ବଳାତ୍କାର ଘଟଣାକୁ ଏଆଇଡିଏସ୍‌ଓର ନିନ୍ଦା

**ବଲାଙ୍ଗୀର ଅଫିସ,୨୨।୪:** ବଲାଙ୍ଗୀର ସଦର ଥାନା ଅଞ୍ଚଳରେ ଗତ ୨୦ତାରିଖରେ ୩ ବର୍ଷର ଏକ ଶିଶୁକନ୍ୟାକୁ ଜଣେ ୧୪ ବର୍ଷର ନାବାଳକ ବଳାତ୍କାର କରିବା ଘଟଣାକୁ ଛାତ୍ର ସଂଗଠନ ଏଆଇଡିଏସ୍‌ଓ ତରଫରୁ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଂଗଠନ ଦାବି କରିଛି। ଗୋଟିଏ ପଟରେ ସରକାର ନାରୀ ଓ ଶିଶୁମାନଙ୍କ ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟପଟରେ ସେମାନଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି। ଆଜି ନାରୀ ନିରାପତ୍ତା ନେଇ ସରକାରଙ୍କର ଆଭିମୁଖ୍ୟ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଶ୍ଳୀଳ ସିନେମା, ସଙ୍ଗୀତର ପ୍ରଚାର, ଅପସଂସ୍କୃତିର ପ୍ରଚାର ତଥା ନିଶା କାରବାର ବୃଦ୍ଧି ପୁଣି ଏହିପରି ଘଟଣାକୁ ଇନ୍ଧନ ଦେଉଛି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହ ଦୋଷୀକୁ ଉଚିତ ଦଣ୍ଡ ବିଧାନ ପାଇଁ ଏଆଇଡିଏସ୍‌ଓ ବଲାଙ୍ଗୀର ଜିଲା କମିଟିର ତରଫରୁ ଜିଲା ସଭାପତି ସୁନୀଲ ଭୋଇ ଓ ସମ୍ପାଦକ ଲକ୍ଷ୍ମୀଧର ସାମଲ ଦୃଢ଼ ଦାବି କରିଛନ୍ତି।

### ଗାଁଗାଁରେ ବଢ଼ୁଛି ପାଣି ଚିନ୍ତା

**ଲୋଇସିଂହା,୨୨।୪(ଡି.ଏନ.ଏ/):** ସମ୍ପ୍ରତି ଗ୍ରୀଷ୍ମପ୍ରଭାବରେ ତାତି ବଢ଼ିବାରେ ଲାଗିଛି। ତାତି ବଢ଼ିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବାରେ ଲାଗିଛି। ଏଥିସହ ଭୂତଳ ଜଳସ୍ତର କମିବାରେ ଲାଗିଥିବାରୁ ଗାଁଗାଁରେ ପାନୀୟଜଳ ସଙ୍କଟ ଘନେଇବାରେ ଲାଗିଲାଣି। ଲୋଇସିଂହା ବ୍ଲକରେ ୧୫୬୨ ନଳକୂପ ରହିଛି। ବିଭାଗ ପକ୍ଷରୁ ମାତ୍ର ଦୁଇଟି ନଳକୂପ ଅଚଳ ଥିବା କୁହାଯାଉଛି। ବାସ୍ତବରେ ବହୁତଗୁଡିଏ ନଳକୂପ ମରାମତି ଅଭାବରୁ ଅଚଳ ହୋଇ ପଡିଛି। ଲୋକେ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ଅପରପକ୍ଷେ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାଇପ ଜଳଯୋଗାଣ ହେଉଛି। ହେଲେ ମରାମତି ଅଭାବ, ଲୋଭୋଲଟେଜ ସମସ୍ୟା ସହିତ ବିଭିନ୍ନ କାରଣରୁ ଅନେକ ଗ୍ରାମରେ ସୂଚାରୁରୂପେ ଜଳ ଯୋଗାଣ ଠିକ୍ ଭାବରେ ହୋଇ ପାରୁନାହିଁ। ବୁଢ଼ୀପଦର, ସୁଜିଆ, ମାଣ୍ଡଆପଦର ଓ ବୁର୍ଡା ଗ୍ରାମରେ ଓଭରହେଡ ଟାଙ୍କି କାମ ନିର୍ମାଣାଧୀନ ଅଛି। ସେହିପରି ଅନେକ ଗ୍ରାମରେ ଥିବା ବନ୍ଧକଟାର ଜଳସ୍ତର କମିଯିବା ଫଳରେ ଦୈନନ୍ଦିନ ନିତ୍ୟକର୍ମ ପାଇଁ ମଧ୍ୟ ଜଳ ସଙ୍କଟ ଦେଖାଦେଇଛି। ବ୍ଲକ ଅଧିନ ବହୁ ଗ୍ରାମରେ ବିଭିନ୍ନ ଯୋଜନାରେ ମାଟି କାମ ହୋଇଥିଲେ ସୁଦ୍ଧା କେବଳ ବର୍ଷା ଦିନରେ ପାଣିର ଆବଶ୍ୟକତାକୁ ମେଣ୍ଟାଉଥିବା ସହ ଗ୍ରାମରେ ବ୍ୟବହାର ଉପଯୋଗୀ ବନ୍ଧକଟାର ପଙ୍କଉଦ୍ଧାର ହୋଇନାହିଁ। ଫଳରେ ଉକ୍ତ ବ୍ୟବହାର ଉପଯୋଗୀ ବନ୍ଧକଟାରେ ପାଣିର ଅଭାବ ଦେଖା ଦେଇଛି। ବ୍ଲକର ଉପାନ୍ତ ଗ୍ରାମର ନଳକୂପମାନଙ୍କରେ ଜଳସ୍ତରକମି ଯାଇଥିବାରୁ ମହିଳାମାନଙ୍କୁ ଘରଠୁ ଦୂରକୁ ପାଣି ସଂଗ୍ରହ କରିଯିବାକୁ ପଡୁଛି। ମରାମତି ସହ ବିଭାଗୀୟ ଅବହେଳା ଯୋଗୁ ଜଳସଙ୍କଟ ଦେଖାଦେଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ପାନୀୟ ଜଳ ସମସ୍ୟା ଥିବା ଗାଁମାନଙ୍କରେ ଟ୍ୟାଙ୍କର ଯୋଗେ ପାଣି ପହଞ୍ଚାଇବା ବ୍ୟବସ୍ଥା କରିବାକୁ ଦାବି ହେଉଛି। ବିଭାଗୀୟ ଯନ୍ତ୍ରୀ ପ୍ରସାଦ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ୧୫୬୨ରୁ ମାତ୍ର ୨ଟି ନଳକୂପ ଅଚଳ ଥିବା କହିଥିଲେ। ବୁର୍ଡା ଗ୍ରାମ କଲୋନୀ ପଡାରେ ଏକ ନଳକୂପ ଅଚଳ ଥିବା କହିବାରୁ ମଙ୍ଗଳବାର ମରାମତି କରାଯିବ କହିଥିଲେ। କେଉଁ କେଉଁ ଗାଁକୁ ଟ୍ୟାଙ୍କରରେ ପାଣି ଯୋଗାଣ ହେଉଥିବା ପଚାରିବାରୁ, ଏବେ ପଞ୍ଚାୟତ କର୍ତ୍ତୃପକ୍ଷ ଏକଥା ବୁଝୁଥିବା କହି ନିଜ ଦୋଷ ଖସାଇଥିଲେ।

■ ଚଞ୍ଚକତା କରି ଆଶାକର୍ମୀଙ୍କୁ ହଟାଯାଇଥିବା ଅଭିଯୋଗ

# ନୂତନ ନିଯୁକ୍ତିକୁ ଗ୍ରାମବାସୀଙ୍କ ବିରୋଧ

**ଦେଓଗାଁ, ୨୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଗଡଦ୍ୱାରରେ ଚଞ୍ଚକତା କରି ଜନୈକା ଆଶାକର୍ମୀଙ୍କୁ ଚାକିରିରୁ ଅବ୍ୟାହତି ଦିଆଯାଇ ନୂତନ ଆଶା ନିଯୁକ୍ତି ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ବିରୋଧ ହୋଇଛି। ଏ ନେଇ ସୋମବାର ଗାଁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ବୈଠକ ବସିଥିଲା। ସ୍ୱାସ୍ଥ୍ୟ ବିଭାଗର ବ୍ଲକ ପ୍ରକଳ୍ପ ମ୍ୟାନେଜର(ବିପିଏମ) କୁମୁଦ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁପଭାଇଜର ପରକ୍ଷିତ ବେଜ, ସ୍ୱାସ୍ଥ୍ୟକର୍ମୀ ଶାନ୍ତନୁ କୁମାର ମେହେର, ସୁନିତା ନନ୍ଦ ଓ କେତେକ କର୍ମଚାରୀ ଯୋଗଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ବୁର୍ଲାରେ ଚିକିତ୍ସାଧୀନ ଥିବା ସମୟରେ ଆଶାକର୍ମୀ ଉର୍ବଶୀ ସେଠଙ୍କୁ କେମିତି ନିଜ ଚାକିରିରୁ ଇସ୍ତଫା ଦେଲେ ବୋଲି ବୈଠକରେ ଗ୍ରାମବାସୀ ପ୍ରଶ୍ନ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଚଞ୍ଚକତା କରି ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଆଶାକର୍ମୀ ସେଠଙ୍କର କିଛି ମାସ ତଳେ ଅସୁସ୍ଥତା ଯୋଗୁ ବୁର୍ଲା ମେଡିକାଲରେ ଆସ୍ତ୍ରୋପଚାର ହେତୁ କିଛିମାସ ଚାକିରିରେ ଯୋଗଦେଇପାରି ନ ଥିଲେ। ସେ ସମୟରେ କେତେକ ଲୋକ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଚକ୍ରାନ୍ତରେ ତାଙ୍କଠାରୁ ଦସ୍ତଖତ ନେଇ ଇସ୍ତଫା ଦେଇଥିବା ଦର୍ଶାଯାଇଥିଲା। ପରେ ନୂତନ ଆଶା ପଦବୀ ପାଇଁ ପକ୍ରିୟା ଆରମ୍ଭ ହୋଇଥିଲା। ଉର୍ବଶୀ ଏହା ଜାଣିବା ପରେ ମୁଁ ଇସ୍ତଫା ଦେଇନାହିଁ ବୋଲି କହି ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଏ ଦିଗରେ କୌଣସି ପଦାକ୍ଷପ ନ ନେଇ ନୂତନ ପଦବୀ ପାଇଁ ଆବେଦନ ପାଇଁ ନୋଟିସ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଉକ୍ତ ପଦବୀ ପାଇଁ ଗାଁର କେବଳ ଜଣେ ଏସ୍‌ସି ବର୍ଗର ମହିଳା ଆବେଦନ କରିଥିଲେ। ହେଲେ ତାଙ୍କ ଆବେଦନପତ୍ରରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ସପ୍ତମ ପାସ ଏବଂ ଏହାର ପ୍ରମାଣପତ୍ର ଦେଇ ନ ଥିବାରୁ ଆବେଦନ ଅଗ୍ରାହ୍ୟ ହୋଇଛି। ନିର୍ବାଚନ ଆଚରଣ ବିଧି ହଟିବା ପରେ ପୁଣିଥରେ ନୋଟିସ କରାଯିବ ବୋଲି ବୈଠକରେ ବିପିଏମ କୁମୁଦ ରଞ୍ଜନ ସାହୁ ସୂଚନା ଦେଇଥିଲେ। ଏହା ଶୁଣିବା ପରେ ବୈଠକରେ ଉପସ୍ଥିତ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଆଶାକର୍ମୀ ଉର୍ବଶୀ ସେଠଙ୍କ ଇସ୍ତଫା ଘଟଣାର ବିଧିବଦ୍ଧ ତଦନ୍ତ ନ କରି ନୂତନ ପଦବୀ ପାଇଁ ନିଯୁକ୍ତିକୁ ବିରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏ ସଂକ୍ରାନ୍ତରେ ଆଶାକର୍ମୀ ସେଠଙ୍କୁ ପଚାରିବାରୁ ମୁଁ ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ବେଳେ କେତେକ କର୍ମଚାରୀ ମୋତେ ଚାକିରି ସମ୍ପର୍କରେ ଦସ୍ତଖତ ନେଇଥିଲେ। ଇସ୍ତଫା ପାଇଁ ଦସ୍ତଖତ କରିନାହିଁ, ଏହା ମୋ ବିରୋଧରେ ଷଡଯନ୍ତ୍ର। ଏ ନେଇ ବିପିଏମ କୁମୁଦ ରଞ୍ଜନ ନାଏକଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ଆଶାକର୍ମୀ ଉର୍ବଶୀ ସେଠ ତାଙ୍କ ପଦବୀରୁ ଇସ୍ତଫା ଦେବା ପରେ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛୁ ବୋଲି କହିଛନ୍ତି।



ନୂତନ ଆଶାକର୍ମୀ ଚୟନ ପାଇଁ ଗଡଦ୍ୱାରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୈଠକ ଚାଲିଛି।



ଜଳଛତ୍ରରୁ ଅତିଥିମାନେ ଥଣ୍ଡା ପାନୀୟ ଜଳ ପିଉଛନ୍ତି।

## ଜଳଛତ୍ର ଉଦ୍‌ଘାଟିତ

**ଲାଠୋର, ୨୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ସଦାନନ୍ଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥଲେ। ଲାଠୋରର ପୂର୍ବତନ ସିଆରସିସି ସଚ୍ଚିକାନ୍ତ ପାଣିଗ୍ରାହୀ ଏବଂ ସମ୍ପାଦକ ଗୋବିନ୍ଦରାମ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପଥାଚାରୀଙ୍କ ପାଇଁ ଜଳଦାନ ଏକ ଶ୍ରେଷ୍ଠ କାର୍ଯ୍ୟ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଆଚାର୍ଯ୍ୟା ଆଚାର୍ଯ୍ୟ ଜଳଦାନ କରିଥିଲେ। ଶେଷରେ ଆଚାର୍ଯ୍ୟ ସିମିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକେ ଚାହିଁଲେ ବନ୍ୟ ସମ୍ପଦର ସୁରକ୍ଷା ହୋଇପାରିବ

**ଟିଟିଲାଗଡ଼, ୨୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବନବିଭାଗ ରେଞ୍ଜ କାର୍ଯ୍ୟାଳୟରେ ସୋମବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ରେଞ୍ଜ ଅଫିସର ଜିତେନ୍ଦ୍ରୀୟ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଡ. ଦୋଳଗୋବିନ୍ଦ ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଧରିତ୍ରୀର ସୁରକ୍ଷାକୁ ମନୁଷ୍ୟ ସମାଜ ନଗଣ୍ୟ ମନେକରି ଧ୍ୱଂସ ଲୀଳା ଚଳାଇଥିବା ସତର୍କ କରିଛନ୍ତି। ଏକ ମାତ୍ର ଜୀବସତା ରହିଥିବା ଭାଗବାନଙ୍କ ଏହି ସୃଷ୍ଟିରେ ଜୈବ ବିବିଧତା ଲୁପ୍ତ ପ୍ରାୟ ଅବସ୍ଥାରେ ପହଞ୍ଚିଛି। ପରିବେଶ ନଷ୍ଟ ହୋଇ ଚାଲିବାର ପ୍ରଭାବ ପାଣିପାଗ ଉପରେ ପଡିଛି। ପୂର୍ବ ପରି ଋତୁ ଅନୁଯାୟୀ ପରିବେଶ ଆଉନାହିଁ। ତାପମାତ୍ରା ବଢ଼ି ଚାଲିଥିବା ସହ ବର୍ଷକୁ ବର୍ଷ ମରୁଡି ସମସ୍ୟା ମନୁଷ୍ୟକୃତ ବୋଲି କହିଥିଲେ। ରେଞ୍ଜର ନନ୍ଦ କହିଥିଲେ ଯେ, ଜନସାଧାରଣ ନିଜ ବନ୍ୟ ସମ୍ପଦର ସୁରକ୍ଷା ପାଇଁ ଚେଷ୍ଟିତ ନହେଲେ ସରକାର କିମ୍ବା ବନବିଭାଗର ଆଇନ କାହାକୁ ନେଇ କାର୍ଯ୍ୟ କରିବ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ ଫରେଷ୍ଟର ଭୁବନେଶ୍ୱର କୁମ୍ଭାର, ସ୍ପେଶାଲ ଫରେଷ୍ଟର ପୁଷ୍ପାଞ୍ଜଳି ଯୋଷୀ, ସିକେର ଫରେଷ୍ଟର ଜୟକୃଷ୍ଣ ଭୋଇ, ଦେବ ପରିଡା, ଚିତ ମହାରଣା, ଡିଇଓ ଅନିଲ ଡୁଙ୍ଗଡୁଙ୍ଗ, ହିମାଂଶୁ ଶେଖର ବେହେରା ସମେତ ବନକର୍ମଚାରୀ, ଗ୍ରାମ୍ୟ ବନ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ମା' ତାରିଣୀଙ୍କ ଚୈତ୍ର ମେଳା ଉଦ୍‌ଯାପିତ

**ବେଲପଡା, ୨୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ତାରିଣୀ ମନ୍ଦିରରେ ଚାଲିଥିବା ମା'ଙ୍କ ୧୩ତମ ମେଳା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶତାଧିକ ମହିଳାପୁରୁଷ ସ୍ଥାନୀୟ ଲାନ୍ତନଦୀରୁ ପୂର୍ଣ୍ଣ ଜଳ କଳସ ଆଣି ସ୍ଥାପନ ପରେ ଅଧିବାସ ହୋଇଥିଲା। ପୂଜା ମଣ୍ଡପରେ କଳସ ସ୍ଥାପନା ପରେ ଷୋଡଶ ଉପଚାର ପୂଜା, ହୋମ ସହ ଚଣ୍ଡୀ ପାଠ ହୋଇଥିଲା। ପୂଜା ପାଇଁ ଯାତ୍ରା ପଡିଆରେ ମୀନାବଜାର, ସ୍ଥାୟୀ, ଅସ୍ଥାୟୀ ଦୋକାନ ଖୋଲିଥିଲା। ପୂଜାକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ଗୁଡୁ ଜୈନ। ପୂଜା କମିଟି ସଭାପତି ଦନାର୍ଦ୍ଦନ ସିଂ, ଉପସଭାପତି ଚତୁର ବୁଡେକ, ପ୍ରମୋଦ କୁମାର ବୁଡେକ ଓ ସମ୍ପାଦକ ପୃଥ୍ୱୀରାଜ ଜୈନଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମେଳା ଉଦ୍‌ଯାପିତ ହୋଇଯାଇଛି।

## ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

**ଦେଓଗାଁ,୨୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠରେ ସୋମବାର ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ କମିଟି ତଥା ଗ୍ରାମବାସୀଙ୍କ ଆୟୋଜନରେ ଅନୁଷ୍ଠିତ ଉତ୍ସବରେ ଏହି ଦିନ ସକାଳ ୮ଟାରେ ଇନ୍ଦ୍ର ଇନ୍ଦ୍ରାଣୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଗୌରଗୋଠର ଜଗନ୍ନାଥ ପଡା, ରାମଜୀ ପଡା ତଥା ଜମିଦାର ପଡାର ସଂକୀର୍ତ୍ତନ୍ୟ ଦଳ ସାମିଲ ହୋଇଥିଲେ। ରତ୍ନମୁଦ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଉଦୟ ଶଙ୍କର ରଣା ଓ ତାଙ୍କ ସ୍ତ୍ରୀ ଭୂମୀସୁତା ରଣା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକଭାବେ ବିକ୍ରମ ଦାଶ ଓ କାରିଗର ଭାବେ ଭକ୍ତ ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ମନ୍ଦିର କମିଟି ସଭାପତି ଟିକେରାମ ରଣା, ସମ୍ପାଦକ ରାଧେଶ୍ୟାମ ରଣା, କମିଟିର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରିଥିଲେ।



ଗୌରଗୋଠରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ କରାଯାଉଛି।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

**ଲୋଇସିଂହା,୨୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ଓମକାର ଦାନୀଙ୍କୁ ମାଳବିକା ସ୍ମୃତିସମ୍ମାନ, ଅର୍ପଣ କୁମାର ମିଶ୍ରଙ୍କୁ ଅରୁଣସ୍ମୃତି ସମ୍ମାନ, ଆୟୁଷ ସଙ୍ଗମ ପ୍ରସାଦ ସାଙ୍କୁ ଅନ୍ୱେଷା ସ୍ମୃତି ସମ୍ମାନରେ ସମ୍ମାନୀତ କରିଥିଲେ ଅତିଥିଗଣ। ରବୀନ୍ଦ୍ର ସାହୁ ସଭାପତିତ୍ୱ ଅଭିଭାଷଣ ରଖିଥିଲେ। ଲୋଇସିଂହା ସଂକୁଳ ପ୍ରମୁଖ ତଥା ଆଗଲପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟନ୍ତ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କ କର୍ମଚାରୀ ତଥା ବଲାଙ୍ଗୀର ଜିଲା ପ୍ରଚାର ପ୍ରମୁଖ ଦତ୍ତାନନ୍ଦ ପଣ୍ଡା ମୁଖ୍ୟବକ୍ତାଭାବେ ମଞ୍ଚାସୀନ ଥିଲେ। ଅଚାର୍ଯ୍ୟ ରସାନନ୍ଦ ତ୍ରିପାଠୀ ଓ ଅଚାର୍ଯ୍ୟା ମାଳି ସାହୁଙ୍କ ତତ୍ତ୍ୱାବଧାନରେ ଶିଶୁ ସୁହାନୀ ନାଏକ, ଇଭାସ୍ମିତା ମିଶ୍ର ଓ ବବଲୁ ବାରିକ ସମସ୍ତ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ପ୍ରତାବ ବହିଦାର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିମଳଚରଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିଙ୍କ ଦ୍ୱାରା ପୁରସ୍କୃତ ଛାତ୍ରୀଛାତ୍ର।

## ବିଦ୍ୟୁତ୍ ତାର ଲାଗି ଜଣେ ମୃତ

**ଟିଟିଲାଗଡ଼, ୨୨।୪(ଡି.ଏନ.ଏ)**

ଟିଟିଲାଗଡ ଥାନା ଅନ୍ତର୍ଗତ କୁଶକେଲା ଗ୍ରାମର ଜଣେ ବ୍ୟକ୍ତିଙ୍କର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ କୁଶକେଲା ଗ୍ରାମର ଚିରଞ୍ଜି ସୁନା(୫୨)। ସ୍ଥାନୀୟ ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାରୁ ପ୍ରକାଶ ଯେ, କୁଶକେଲା ଗ୍ରାମର ଚିରଞ୍ଜି ଉନ୍ଦେର ନଦୀରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ରାତ୍ର ଜଗୁଆଳି କାମ କରୁଥିଲେ। ସକାଳୁ ଏକ ଲୁହା ଛଡ ସାହାଯ୍ୟରେ ଗଛରୁ ଦାନ୍ତ କାଠି ଭାଙ୍ଗୁଥିବା ବେଳେ ତଳକୁ ଝୁଲିରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂପର୍ଶରେ ଆସିଯିବାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କୁଶକେଲା ସରପଞ୍ଚ ହରିନାରାୟଣ ମିଶ୍ର, ବିଜେଡି ନେତା ନରେଶ ଅଗ୍ରୱାଲ ପ୍ରମୁଖ ପହଞ୍ଚି ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଜଣେ ଶ୍ରମିକର ଜୀବନ ଗଲା ବୋଲି ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳରେ ବିଦ୍ୟୁତ ବିଭାଗ ଦ୍ୱାରା ଟଣାଯାଇଥିବା ତାରଗୁଡିକ ତଳକୁ ଝୁଲି ପଡିଥିବା ନେଇ ଅଭିଯୋଗ କଲେ ମଧ୍ୟ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବଙ୍ଗାଳି ସମାଜ ପକ୍ଷରୁ ନବବର୍ଷ ପାଳିତ

**ଟିଟିଲାଗଡ଼, ୨୨।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବଙ୍ଗାଳି ସମାଜ ପକ୍ଷରୁ ସ୍ଥାନୀୟ ଗୋବିନ୍ଦ ବାଟିକାରେ ନବବର୍ଷ ଉତ୍ସବ ରବିବାର ରାତିରେ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବହୁ ବଙ୍ଗାଳି ପରିବାର ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାର ବଙ୍ଗାଳି ତଥା ହିନ୍ଦୀ ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଲାୟନ୍ସ ପ୍ରଭାତ ସାହୁ, ବିନ୍ଦୁ ସାହୁ ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୁନି କଳାକାର ବବିତା ଲୋଧ, ସୁପ୍ରିତି ସିହ୍ନା, ସଜ୍ଜନ ସରକାର, ତିତଲି ଭଟ୍ଟାଚାର୍ଯ୍ୟ, ଚନ୍ଦ୍ରାଣୀ ଗାଙ୍ଗୁଲି, ବେବଲିନ ମାଇତି, ହିସା ନସ୍କାର, କରୁଣା ମୁଖାର୍ଜୀ, ନରୁପା ମୁଖାର୍ଜୀ, ରୋଶନି ବିଶ୍ୱାସ, ଇନ୍ଦ୍ରାଣୀ ଚାଟର୍ଜୀ, ଦିଗନ୍ତ ନସ୍କାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମାଜର ସଭାପତି ଶେଖର ସିହ୍ନା, କୋଷାଧ୍ୟକ୍ଷ ଭୋଲାନାଥ ସରକାର, ଉପଦେଷ୍ଟା କାଳିପ୍ରସାଦ ମୁଖାର୍ଜୀ, ପ୍ରଦୀପ ଦେ, ଦୀପକ ସମ୍ମାଦାର, ପ୍ରଦୀପ ସମାଜପତି ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଅରୁଣ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମାଜର ସଦସ୍ୟ ସ୍ୱର୍ଗତ ରାଜକୁମାର ଦେ, ଦୀପକ ଶାହଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।



ବଙ୍ଗାଳି ସମାଜ ପକ୍ଷରୁ ନବବର୍ଷ ଉତ୍ସବ ପାଳନ ଅବସରରେ ଅତିଥିଙ୍କ ସହ କୁନି କଳାକାରମାନେ।

ଚିକିତ୍ସା ଅଧିକାରୀଙ୍କର ପରତିଶୁରତି ପାନିର ଗାର

## ମୁରତୁ ସଂଗେ ଯୁଝୁଛନ୍ ଲିଙ୍ଗରାଜ

**ଲାଠୋର, ୨୨।୪ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗାଁର ଲିଙ୍ଗରାଜ ଠେଲା (୫୦)। ସେ ଅନେକ ଦିନ ହେଲା ବ୍ରେନ୍ ଟ୍ୟୁମର ରୋଗ୍‌ରେ ପୀଡ଼ିତ ଅଛନ୍। ସେ ନିହାତି ଗରିବ ହେଇଥିଲା ବେଳେ ଘରେ ଯାହା ଥିଲା ବିକାଭଂଗା କରି ଆସର ପାସର ଡାକ୍ତରଖାନାରେ ଚିକିତ୍ସା କରେଇ ନିରାଶ ହେଇଛନ୍। ଏହେଦେ ଟଁକା ପଏସା ଅଭାବୁ ସେ ଚିକିତ୍ସିତ ନାଇଁ ହେଇପାରି ମୁରତୁ ସଂଗେ ଯୁଝୁଛନ୍। ସୂଚନା ଅନ୍‌ସାରେ ଲାଠୋର ଗାଁର ଲିଙ୍ଗରାଜ ଠେଲା ଝନେ ନିହାତି ଗରିବ୍ ଲୋକ୍। ପରିବାର କହେଲେ ମାଏକିନା ଲଳିତା, ଦୁଇ ପୁଓ ବଳରାମ ଆର ପରମାକେ ନେଇ ତାକର ସଁସାର। ସଁପତି ବାଡ଼ି ବଲି କିଛି ନାଇଁ ସରକାରୀ ହିସାବେ ପାଇଥିବାର ୩ ଡିସିମିଲ ଜାଗାରେ ଗୁଟେ କୁରିଆ କରି କୁଟୁମବସିଆ ରହିଆସୁଛନ୍। ସେଠାନେ ଗୁଟେ ଛୁଟିଆ ପାଉଁରୁଟି ଭାଟି କରି ପରିବାରଟା ଖୁସିରେ ଚଲିଯାଉଥିଲେ। ହେଲେ ଦଇବର ଲେଖା ଥିଲା ଅଲଗ। ଆଏଜ୍‌କେ ୪ ବଛର ତଲେ ସେ ବ୍ରେନ୍ ଟ୍ୟୁମର ରୋଗ୍‌ରେ ପୀଡ଼ିତ ହେଇ ଯେନ୍ ଟିକେରଁଚେ ସଁଚିଥିଲେ ଚିକିତ୍ସାରେ ଖରଚ କରି ନିରାଶ ହେଲେ। ଇଆଡ଼େ ବଡ଼ପୁଓ ବଳରାମ ବାପର ଚିକିତ୍ସା ଲାଗି ଆନ୍ଧ୍ରପ୍ରଦେଶକେ ଦାଦନ ଖଟି ଯାଇଥିଲାବେଲେ ସାନପୁଓ କେନ୍‌ଆଡ଼େ ପଲେଇ ଯାଇଛନ୍। ଅଭାବ ଅନାଟନ ଲାଗି ଲଳିତା ଆପ୍‌ନେକେ ଭଲ ସେ ମୁଠେ ଖାଏବାକେ ଦେଇ ନାଇଁପାରବାର। ଲଳିତା ଉପେ ଶୁଇନ୍ ହେଇ ଗଲା ମାର୍ଚ୍ଚ ମାସେ ଥାନୀୟ ଧରିତ୍ରୀ ପରତିନିଧିଙ୍କୁ ଭେଟି ତାକର ଦୁଖ୍ ବଖାନିଥିଲେ। ଇ ଘଟନା ବାବ୍‌ଦେ ୧୨.୩.୨୦୧୯ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଜିଲା ଚିକିତ୍ସା ଅଧିକାରୀ ଘଟନା ବାବ୍‌ଦେ ଜାନି ଲିଙ୍ଗରାଜଙ୍କୁ ଚିକିତ୍ସା ସୁବିଧା ଯୁଗେଇ ଦିଆଯିବା ବଲି କଥା ଦେଇଥିଲେ। ସେନ୍‌ତା ଗାଁର ସାମାଜିକ କରମୀ ସୁଶିଲ କୁମାର ଅଗ୍ରୱାଲ ରୁଗୀକୁଁ ଭେଟି ହଜାରେ ଟଁକା ସାହାଯ୍ ଦେଇଥିଲେ। ଇ ଘଟନାକେ ଆଏଜ୍ ମାସେ ବିତିଗଲାନ, ହେଲେ ଜିଲା ସୁଆସ୍‌ତିଅ ବିଭାଗ ଚୁପ୍‌ମାରି ବସିଛେ। ପରତିଶୁରତି ଫେଲ ମାଏଲାରୁ ଲଳିତା ଧାର ଉଧାର କରି ଲିଙ୍ଗରାଜକୁଁ ବଲାଙ୍ଗୀର ମୁଖିଆ ଡାକ୍ତରଖାନା ନେଇଥିଲେ। ସେଠାନେ ଲିଙ୍ଗରାଜର ବ୍ରେନ୍ ଟ୍ୟୁମର ହେଇଥିବାର ଜାନବାକେ ପାଇଥିଲେ। ହେଲେ ଟଁକା ପଏସା ଅଭାବୁ ସେ ଆପ୍‌ନେକେ ଧରି ଘରକେ ଫିରି ଆସିଥିଲେ। ଇ ଖବର ଯାଦବ ସମାଜ ପାଏଲା ଉତାରୁ ବଲାଙ୍ଗୀର ଜିଲା ମୁଖିଆ ଚିକିତ୍ସା ଅଧିକାରୀ ଲିଙ୍ଗରାଜକୁଁ ଉଧାର କରବାର ସଂଗେ ହପ୍‌ତେ ଭିତରେ ଚିକିତ୍ସା ସୁବିଧା ଯୁଗେଇ ଦେବାକେ ନିବେଦନ କରିଛେ। ଯଦି ଇଥିରେ ଖେଲଢ଼େପ ହେଲା ଆଏବାର ଦିନେ ସମାଜ ତରଫୁ ଆଂଦୋଳନ କରାଯିବା ବଲି ସମାଜର ସଭ୍ୟ ସନ୍ତୋଷ କୁମାର ଭଇଁଷାଲ କହିଛନ୍। ଇ ବାବ୍‌ଦେ ମତାମତ ନେବାର ଲାଗି ବଲାଙ୍ଗୀର ଜିଲା ମୁଖିଆ ଚିକିତ୍ସା ଅଧିକାରୀ ଡା.ସଂଯୁକ୍ତା ସାହୁଙ୍କୁ ତାକର ସରକାରୀ ମୋବାଇଲ ନଂ.୯୪୩୯୯୮୭୧୦୦ରେ ଯୋଗାଯୋଗ କରାଯାଇଥିଲା। ହେଲେ ମୋବାଇଲ ସ୍ୱିଚ୍‌ଅଫ ଥିବାର ଲାଗି ମତାମତ ନାଇଁ ମିଳିପାରି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୨୨।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ହରେକୃଷ୍ଣପୁର ଗାଁରେ ରବିବାର ସନ୍ଧ୍ୟାରେ ଶୌଚ ପାଇଁ ଯାଇଥିବାବେଳେ ଏକ ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଖବର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୃତ ଯୁବକ ହେଉଛନ୍ତି ସତ୍ୟବ୍ରତ ସାହୁ । ସୂଚନାନୁଯାୟୀ, ଲାଞ୍ଜିଗଡ଼ ଥାନା ହରେକୃଷ୍ଣପୁର ଗାଁର ସତ୍ୟବ୍ରତ ରବିବାର ସନ୍ଧ୍ୟା ସମୟରେ ଘର ପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ । ଅନ୍ଧାରରେ କୌଣସି ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଅଚେତ ଅବସ୍ଥାରେ ରାତିସାରା ଫୁଙ୍କାଝଡ଼ା କରିବା ପରେ ଘରକୁ ଫେରାଇ ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ଲାଞ୍ଜିଗଡ଼ ପୋଲିସ ଖବର ପାଇ ଶବ ଜବତ ଓ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଏକ ମାମଲା (ନଂ. ୦୨/୨୦୧୯) ରୁଜୁ ହୋଇଛି । ଏଏସ୍ଆଇ ରମାରମଣ ମିଶ୍ର ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି ।



### ରାମଲୀଳା ଉତ୍ସବର ନବମ ରାତି : ସୀତା ଚୋରି ମଞ୍ଚସ୍ଥ

**ପଲମ,୨୨।୪(ଡି.ଏନ.ଏ.)-**

କଳାହାଣ୍ଡି ଜିଲା କେସିଙ୍ଗା ପଲମ ଫାଣ୍ଡି ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତସ୍ଥିତ ସାହାଜପାଟି ଗ୍ରାମରେ ଆଜକୁ ୪୪ ବର୍ଷ ହେଲା ରାମଲୀଳା ଉତ୍ସବ ପାଳିତ କରାଯାଉଛି । ଏହି ଅବସରରେ ରାମଲୀଳା ଉତ୍ସବର ସୀତା ଚୋରି ନାଟକ ଦୃଶ୍ୟ ଦେଖିବା ପାଇଁ ଆଖପାଖ ଗ୍ରାମର କଳାପ୍ରେମୀ ତଥା ମହିଳାମାନେ ବହୁ ସଂଖ୍ୟାରେ ଭିଡ ଲାଗିଥିଲା । ଏହି ଉତ୍ସବର ସଭାପତି ଚିତ୍ରସେନ ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ ତଥା ମୁଖ୍ୟ ସହଯୋଗୀ ଦେବରାଜ ହେର୍ଣ୍ଣା, ଭୁବନେଶ୍ୱର ଚୌଧୁରୀ ରହି ପ୍ରତ୍ୟେକ ଦିନର ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ଏହି ଉତ୍ସବରେ କର୍ତ୍ତା ଭାବେ କାଶିନାଥ ହେର୍ଣ୍ଣା ଏବଂ ପୁତୁନା ହେର୍ଣ୍ଣା ରହି ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ନବମ ଦିନ ରାତ୍ରରେ ସାହାଜପାଟି ଗ୍ରାମର ରାମ ଥବିର ହେର୍ଣ୍ଣା, ଲକ୍ଷ୍ମଣ ମହେନ୍ଦ୍ର ହେର୍ଣ୍ଣା, ସୀତା ବିକ୍ରମ ପ୍ରଧାନୀ, ରାବଣ ଚିତ୍ରସେନ ସାହୁ, ଯତି ରାବଣ ଭୁବନେଶ୍ୱର ଚୌଧୁରୀ, ସୁର୍ପଣଖା ଗୁଣମଣି ହେର୍ଣ୍ଣା, ଖର ସୁରେନ୍ଦ୍ର ଭୋଇ, ଦୁସଣ ଭରତ ସାହୁ, ତ୍ରିସୀରା ଜଗଦିଶ ହେର୍ଣ୍ଣା, ମାରିଚ ଦୟାନିଧି ହେର୍ଣ୍ଣା, ପକ୍ଷିଜଟା ଲିଙ୍ଗରାଜ ଚୌଧୁରୀ, ମୃଗ ଭୁପିନ୍ଦ୍ର ହେର୍ଣ୍ଣା। ଭୂମିକାରେ କଳା ପ୍ରଦର୍ଶନ କରିଥିଲେ।

## ଭକ୍ତରାମଙ୍କୁ ହତ୍ୟା କରାଯାଇଛି

# ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୨୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ ବ୍ରାହ୍ମଣଛେଣ୍ଡିଆ ଗ୍ରାମପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ଭକ୍ତରାମ ପୋଡ (୨୦) ନାମକ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। ମା'ବାପାଙ୍କ ଏକମାତ୍ର ପୁଅ ତଥା ପରିବାର ସାହାଭରସା ଭକ୍ତରାମଙ୍କୁ ହତ୍ୟା କରି ତାକୁ ଦୁର୍ଘଟଣାର ରୂପ ଦିଆଯାଇଥିବା ନେଇ ସୋମବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କଠାରେ କଳାହାଣ୍ଡି ଜିଲା ଯାଦବ ମହସଭା ଓ ଭକ୍ତଙ୍କ ପରିବାର ତରଫରୁ ଲିଖିତ ଅଭିଯୋଗ କରାଯାଇଛି। ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହନ୍ତଙ୍କୁ ଏକ ପ୍ରତିନିଧି ମଣ୍ଡଳ ସାକ୍ଷାତ କରି ଲିଖିତ ଅଭିଯୋଗ କରିବା ସହ ଭକ୍ତଙ୍କ ମୃତ୍ୟୁ ହତ୍ୟା ଜନିତ ଏବଂ ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ତୁରନ୍ତ ତଦନ୍ତ କରି ଗିରଫ କରିବାକୁ ଦାବି କରାଯାଇଛି। ପ୍ରକାଶ ଯେ, ଗତ ତା. ୭।୩।୨୦୧୯ ରିଖରେ ଭକ୍ତରାମ ଓ ତାରସାଙ୍ଗ ବୈଦ୍ୟହଂସ କେନ୍ଦୁମୁଣ୍ଡି ଧର୍ମଗଡ ନିବାସୀଙ୍କ ସହ ତାଙ୍କ ଘରେ ମିଶି ଭୋଜି କରିବା ସହିତ ସନ୍ଧ୍ୟାରେ ବ୍ରାହ୍ମଣଛେଣ୍ଡିଆ ଗ୍ରାମର ବଳଦେବ ଶବରଙ୍କ ଝିଅ ବାହାଘରକୁ ଭୋଜି ଖାଇବାକୁ ଯାଇଥିଲେ। ଏହାପରେ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ବାପା ଜୟରାମ ପୋଡଙ୍କୁ ଶୁକ୍ରବାର ସକାଳ ୮ଟାରେ ପଡୋଶୀ ଗୁଣ ପୋଡ ତାଙ୍କ ପୁଅ ଭକ୍ତଙ୍କ ମୃତଦେହ ଧର୍ମଗଡ ଡାକ୍ତରଖାନା ସମ୍ମୁଖରେ ପଡିଥିବା ଜଣାଇଥିଲେ। ଏହି




ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ଦେବାକୁ ଆସିଥିବା ମୃତ ଭକ୍ତଙ୍କ ବାପା ଏବଂ ଜିଲା ଯାଦବ ମହାସଭା ସଦସ୍ୟ ବୃନ୍ଦ ।

- **ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି**
- **ପରିବାର ପକ୍ଷରୁ ଲିଖିତ ଅଭିଯୋଗ**

ଖବର ପାଇ ଜୟରାମ ଡାକ୍ତରଖାନା ପରିସରକୁ ଯାଇ ତାଙ୍କ ପୁଅକୁ ଚିହ୍ନଟ କରିବା ସହ ମୃତଦେହ ଦେଖି ବେହୋସ ହୋଇ ପଡିଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ପୁଅଙ୍କ ମୃତ୍ୟୁ ବିଷୟରେ ପଚାରିଥିଲେ। ଜୟରାମ କୌଣସି ଠିକ୍ ଉତ୍ତର ଦେଇ ପାରି ନ ଥିଲେ । ପୋଲିସର କହିବା ଅନୁସାରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ହୋଇଥିବା ନେଇ ଥାନାରେ ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ଧର୍ମଗଡ ଡାକ୍ତରଖାନାରେ ଭକ୍ତରାମଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିବା ପରେ ଗ୍ରାମ ମଶାଣିରେ ଶବ ସତ୍କାର କରାଯାଇଥିଲା। ପରେ ଜୟରାମ ଜାଣିବାକୁ ପାଇଲେ ଯେ ଘଟଣା ଦିନ ତାଙ୍କ ପୁଅ ନିକଟସ୍ଥ କ୍ୟାମ୍ପକୁ ଯାଇ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥିବା ପ୍ରାପ୍ୟ ମାଗିଥିଲେ । ଏହାକୁ ନେଇ ସେଠାରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ବୈଦ୍ୟ ହଂସ ସହ ସାଇକେଲରେ ବିଭିନ୍ନ ଆଡେ ବୁଲାବୁଲି କରି ବଳଦେବ ଶବର ଘରକୁ ବିବାହ ଭୋଜି ଖାଇବାକୁ ଯାଇଥିଲେ । ଶୁକ୍ରବାର ସକାଳେ ତାଙ୍କ ମୃତଦେହ ରାସ୍ତା କଡରେ ମିଳିଥିଲା। ସେହି ମୃତଦେହକୁ କେଉଁମାନେ ଓ କେଉଁ ଗାଡିରେ ଡାକ୍ତରଖାନାକୁ ନେଲେ ତାହା ରହସ୍ୟମୟ ହୋଇ ରହିଛି। ଏଥି ସହିତ ଭକ୍ତରାମଙ୍କ ପରିବାରକୁ ଏବଂ ନିକଟସ୍ଥ ଦମକଳ କେନ୍ଦ୍ରକୁ ନ ଜଣାଇବା ତଥା ଭକ୍ତଙ୍କ ମୃତଦେହ ପାଖରେ ବୈଦ୍ୟ ହଂସର ସାଇକେଲ ପଡିରହିବା ଘଟଣା ଅନେକ ସନ୍ଦେହ ସୃଷ୍ଟି କରିଛି। ଏହି ଘଟଣା ପଛପଟେ ଏକ ଷଡଯନ୍ତ୍ର ରହିଥିବା ଓ ଭକ୍ତରାମଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପଦିଆ ଯାଉଥିବା ନେଇ କଳାହାଣ୍ଡି ଜିଲା ଯାଦବ ମହାସଭା ତରଫରୁ ଡମ୍ବରୁଧର ଲହଜଲ, କିର୍ତ୍ତନ ନାଏକ, ଧନୁଗୋପାଲ, କିର୍ତ୍ତିଚନ୍ଦ୍ର ଗଉଡ, ଜଗଦିସ ଧଙ୍ଗଡାମାଝି, ଭକ୍ତଙ୍କ ବାପା ଜୟରାମ ପୋଡ ଓ ପରିବାରର ଅନ୍ୟମାନେ ମିଶି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ମଦଭାଟି କର୍ମଚାରୀଙ୍କୁ ମାଡ଼ମାରି ଟଙ୍କା ଲୁଟିଲେ ଦୁର୍ବୃତ୍ତ

**ଭବାନୀପାଟଣା/କେଗାଁ, ୨୨।୪ (ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗଠାରେ ଥିବା ଦେଶି ମଦାଭାଟିରେ ରବିବାର ରାତିରେ କେତେକ ଦୁର୍ବୃତ୍ତ ପଶି ଭାଟି କର୍ମଚାରୀଙ୍କୁ ମାଡ ମାରି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଭାଟି ପକ୍ଷରୁ ସୋମବାର ସ୍ଥାନୀୟ କେଗାଁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ରବିବାର ରାତି ପ୍ରାୟ ୧ଟାରେ ମହାଲିଙ୍ଗ ଦେଶି ମଦଭାଟିରେ ପ୍ରାୟ ୯ ଜଣ ଦୁର୍ବୃତ୍ତ କବାଟ ଭାଙ୍ଗି ଭାଟି ଭିତରକୁ ପଶିଥିଲେ। ଏହା ପରେ ସେମାନେ ନିଦରେ ଶୋଇଥିବା ଭାଟି କର୍ମଚାରୀଙ୍କୁ ମାଡ ମାରି ବାକ୍ସରେ ଓ ଟ୍ରେଜେରିରେ ଥିବା ପାଖାପାଖି ୮୯ ହଜାର ୮ ଶହ ଟଙ୍କା ଲୁଟି ନେଇ ଏକ ବୋଲେରୋ ଗାଡିରେ ଫେରାର ହୋଇଯାଇଥିଲେ। ମାଡ ଖାଇଥିବା କର୍ମଚାରୀଙ୍କ ମଧ୍ୟରେ ଭାଟି ମ୍ୟାନେଜର ତ୍ରିଭୁବନ ପ୍ରସାଦ, ଲାଲୁ ଦୁବେ, ଦିନେଶ ସାହୁ, ସୁଶାନ୍ତ ମାଝି ରହିଛନ୍ତି । ବର୍ତ୍ତମାନ ମହୁଲ ସଂଗ୍ରହର ସମୟ ଚାଲିଥିବା ବେଳେ ମହୁଲ କିଣିବା ପାଇଁ ଭାଟିରେ ଉକ୍ତ ଟଙ୍କା ରଖାଯାଇଥିବା ଭାଟି କର୍ମଚାରୀମାନେ ପ୍ରକାଶ କରିଛନ୍ତି । ମହାଲିଙ୍ଗ ଗ୍ରାମଠାରୁ ଅଳ୍ପ ଦୂରରେ ଏହି ଭାଟି ରହିଥିବା ବେଳେ ଏକ ବୋଲେରୋରେ ଦୁର୍ବୃତ୍ତ ଆସି କବାଟ ଭାଙ୍ଗି କର୍ମଚାରୀଙ୍କୁ ମାଡମାରି ଟଙ୍କା ଲୁଟି ନେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପଟେ ମଦଭାଟି ପକ୍ଷରୁ କେଗାଁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରହିଛି ।



ମାଡ଼ଖାଇଥିବା ୩ ଭାଟି କର୍ମଚାରୀ ।

# ବ୍ଲକସ୍ତରୀୟ ବୈଠକ

**କର୍ଲାମୁଣ୍ଡା,୨୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧି ସେବାକେନ୍ଦ୍ରଠାରେ ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି (ଆଇଜିଏସଏସଏସ) ପକ୍ଷରୁ ସୋମବାର ବ୍ଲକସ୍ତରୀୟ ଇଣ୍ଟରଫେସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥା ପକ୍ଷରୁ ବ୍ଲକର ଗଜବାହାଲ, ପୌରକେଲା, ଯୋରାଡବ୍ରା, ରେଗଡା, ସାପଲହରା, ବୋରପଦର ପଞ୍ଚାୟତର ୨୦ ଖଣ୍ଡ ଗାଁରେ ପାଣି ପାଗ ପରିବର୍ତ୍ତନ ଓ ମରୁଡି ସସହନଶୀଳତା ଉପରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ହିତାଧିକାରୀ, ଗ୍ରାମ୍ୟ ଉନ୍ନୟନ ସମିତି, କୃଷକ କ୍ଲବର ସଭ୍ୟ/ସଭ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗଉଡ ଯୋଗଦେଇ ଗତ ଏକ ବର୍ଷ ଭିତରେ ସଂସ୍ଥା ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେବା ସହ ପ୍ରକଳ୍ପର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗ ସହକାରୀ କୃଷି ଅଧିକାରୀ ଅରୁଣ ପାଢୀ, ଉଦ୍ୟାନ ବିଭାଗ ଓଭରସିଅର ବନଦୁର୍ଗା ହରିଜନ, ଗ୍ରାମ୍ୟ କୃଷି କର୍ମୀ ଧର୍ମେନ୍ଦ୍ର ଶବର, ପୀତାମ୍ବର ମାଝି ପ୍ରମୁଖ ଯୋଗଦେଇ ନିଜ ବିଭାଗ ପକ୍ଷରୁ ଚାଷୀମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ଜଗଦୀଶ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କର୍ମୀ ପ୍ରଦୀପ ସାହୁ ବୈଠକର ସଂଯୋଜନା କରିଥିଲେ।




ମଞ୍ଚାସୀନ ଅତିଥି ବୃନ୍ଦ।

## ଆରଏସ୍‌ପି ପକ୍ଷରୁ ଅଗ୍ନିଶମ ସପ୍ତାହ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୨।୪**

ରାଉରକେଲା ଇସ୍ପାତ୍ କାରଖାନା ପକ୍ଷରୁ ପାଳନ କରାଯାଉଥିବା ଜାତୀୟ ଅଗ୍ନିଶମ ସପ୍ତାହ ଗତ ୨୦ ତାରିଖରେ ଉଦ୍‌ଯାପିତ ହୋଇ ଯାଇଛି। ରିସର୍ଚ୍ଚ ଓ କଣ୍ଟ୍ରୋଲ ଲାବୋରାଟୋରି ସମ୍ମେଳନ କକ୍ଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସୁରକ୍ଷା, ପରିବେଶ ଓ ଅଗ୍ନିଶମ ବିଭାଗ ଡିଜିଏମ ଇନ୍‌ଚାର୍ଜ ସୁବ୍ରତ ଆଚାର୍ଯ୍ୟ ଏବଂ ଅଗ୍ନିଶମ ବିଭାଗ ଅଧିକାରୀ ବି.ପି.ଦାସ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଏଥିରେ ବକ୍ତବ୍ୟ ପ୍ରଦାନ କରି ବାନାର୍ଜୀ କହିଥିଲେ ଅଗ୍ନି ନିର୍ବାପନଠାରୁ ଅଗ୍ନି ନିରାକରଣ ହେଉଛି ସର୍ବୋତ୍ତମ ଉପାୟ। ଏ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ବାନାର୍ଜୀ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ୫୦ଜଣ ମହିଳା କର୍ମଚାରୀଙ୍କ ନିମନ୍ତେ ଅଗ୍ନି ସୁରକ୍ଷା ତଥା ସଚେତନତା କୌଶଳ ପ୍ରଦର୍ଶନ କରାଯାଇଥିଲା। ବିଭାଗୀୟ ସିନିୟର ମ୍ୟାନେଜର ପି.ଏସ୍. ଥାକରେ ଏହାକୁ ପରିଚାଳନା କରିଥିଲେ।




ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ବଚ୍‌ପନ୍, ଏକାଡେମିକ୍ ହାଇଟ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା,୨୨।୪(ଡି.ଏନ.ଏ.)**

ସ୍ଥାନୀୟ ବଚ୍‌ପନ୍ ଏବଂ ଏକାଡେମିକ୍ ହାଇଟ୍ ବିଦ୍ୟାଳୟର ୬ଷ୍ଠ ତମ ବାର୍ଷିକ ଉତ୍ସବ -୨୦୧୯ ବିଦ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ପୌରହିତ୍ୟ କରିଥିଲେ । ଏହା ସହିତ ବରିଷ୍ଠ ଶିକ୍ଷାବିତ ତଥା ସାହିତ୍ୟକ ଡ.ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟ ବକ୍ତା ଭାବେ, ମୁକୁନ୍ଦ ରେଡ୍ଡି ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମମତାରାଣୀ ପଟ୍ଟନାୟକ ବିଦ୍ୟାଳୟର ଅଧକ୍ଷା ଅତିଥିମାନଙ୍କ ସ୍ୱାଗତ ଜଣାଇବା ସଙ୍ଗେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ସମରେନ୍ଦ୍ର ଷଡଙ୍ଗୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ତଥା ପରିଚାଳନା ସଦସ୍ୟ ମନୋଜ କୁମାର ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମଞ୍ଚ ପରିଚାଳନା କରିଥିଲେ । ଏହି ଉତ୍ସବକୁ ବିଦ୍ୟାଳୟ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ରିନାସୁକ୍ଲା, କାଜଲ ସାହୁ, ସନିଷା ରାଉତ, ବୈଶାଳୀ ପଣ୍ଡା, ଅର୍ଚ୍ଚନା ସାହୁ, ନନ୍ଦିତା ସାହୁ, ମନ୍ଦାକିନୀ ବାଣୁଆ, ନିହାରିକା ବେହେରା, ସୁନିତା ବେହେରା, ନେହା ଗର୍ଗ ଓ ଅନୁଷ୍ଠାନ ମୁଖ୍ୟ ପରିଚାଳକ ଶୁଭ୍ରାଂଶୁ ପଟ୍ଟନାୟକ ପରିଚାଳନା କରିଥିଲେ । ଚିତ୍ରଶିଳ୍ପୀ ବିଜନ ରେଡ୍ଡି ତଥା ଅଧାପକଙ୍କ ମଞ୍ଚ ଶିଳ୍ପ ଖୁବ ଉଚ୍ଚ କୋଟିର ଓ ଆକର୍ଷଣୀୟ ହୋଇଥିଲା । ଛୋଟ ଛୋଟ ଶିଶୁ କଳାକାରମାନଙ୍କ ଅଭିନୟ ଏବଂ ନୃତ୍ୟ ଦକ୍ଷତା ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ନୃତ୍ୟ ଶିଳ୍ପୀ ସାଗର, ବିଜୟ ଏବଂ ରାହୁଲ କୁନି କୁନି ଶିଶୁ ମାନଙ୍କୁ ନୃତ୍ୟଶିକ୍ଷା ପ୍ରଦନ କରିଥିଲେ । ରବିନ୍ଦ୍ର ଡାକୁଆ, ଦୀପକ ରାଉତ, ଶିବ କୁମାର, ଦେବବ୍ରତ ଦୁର୍ଗା, ରଞ୍ଜନ ମହାଖୁଡ, ରବିନ୍ଦ୍ର ସାହୁ ସହଯୋଗ କରିଥିଲେ । ଏହି ଉତ୍ସବକୁ ସମସ୍ତ ଅଭିଭାବକ ଓ ଅଭିଭାବିକା ପ୍ରଶଂସା କରିଥିଲେ। ଶେଷରେ ଗ୍ରୀଷ୍ମକାଳୀନ ଶିବିର ଏବଂ ଶନ୍ତରଣ ପ୍ରଶିକ୍ଷଣ ଶିବିର ମେ ୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଥିଲା ।

# ପାଣି ପାଇଁ ଉହଲବିକଳ ଚିଲିଗୁଡ଼ା ଗ୍ରାମବାସୀ

**କୋକସରା,୨୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ଅଧୀନ ଚିଲିଗୁଡ଼ା ଗ୍ରାମରେ ଏବେ ପାନୀୟଜଳ ସମସ୍ୟା ଦେଖାଦେଇଛି । ପାଖାପାଖି ୨ ହଜାର ଜନସଂଖ୍ୟା ଥିବା ଚିଲିଗୁଡ଼ା ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ୨୦୧୭ରେ ମୁଣ୍ଡରା ନଦୀରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ୩୯ ଲକ୍ଷ ୯୦ ହଜାର ଅଟକଳ ମୂଲ୍ୟରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଇତି ମଧ୍ୟରେ ଶେଷ ହୋଇଥିବାବେଳେ ମାତ୍ର ଗତବର୍ଷ ପାଣି ଯୋଗାଣ ସ୍ୱାଭାବିକ ଥିଲା। କିନ୍ତୁ ଏଥର କମ୍ ମାତ୍ରାରେ ଜଳ ଯୋଗାଣ ହେଉଥିବା ବେଳେ ଗୋଳିଆ ପାଣି ସହ ପାଣିରେ ଛୋଟଛୋଟ ପୋକ ଆସୁଥିବା ଅଭିଯୋଗ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପିଇବା ପାଣି ପାଇଁ ଆଉ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଦୂଷିତ ଓ ପୋଖରୀ ପାଣି ଉପରେ ନିର୍ଭର କରୁଛନ୍ତି । ଗ୍ରାମବାସୀ ବିଭିନ୍ନ ସମୟରେ ପଞ୍ଚାୟତ ଅଧିକାରୀ ସହ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ଆଣିଛନ୍ତି । ତେବେ ଏ ନେଇ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ପଚାରିବାରୁ ଖରା ଦିନରେ ନଦୀର ପାଣି ଶୁଖି ଯାଉଛି । ପାଣିର ସ୍ରୋତ କମି ଯାଉଥିବାରୁ ପାଣି ଯୋଗାଣରେ ବ୍ୟାହାତ ହୋଉଛି ବୋଲି କହିଛନ୍ତି । ଅନ୍ୟପଟେ କୋକସରା ବ୍ଲକ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠୀଙ୍କୁ ପଚାରିବାରୁ ନଦୀର ଜଳସ୍ତର କମୁଛି। ଏଥିଯୋଗୁ ଯେତେ ପରିମାଣରେ ପାଣି ଯୋଗାଇବା କଥା ତାହା ସମ୍ଭବ ହୋଇପାରୁନାହିଁ ବୋଲି କହିଛନ୍ତି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ନଦୀରେ କେତେ ଗଭୀର ଖନନ କଲେ ପାଣିର ମାତ୍ରା ଠିକ ରହିବ ସେ ନେଇ ପୂର୍ବରୁ କନିଷ୍ଠ ଯନ୍ତ୍ରୀ ରିପୋର୍ଟ ଦେବା କଥା ଓ ସେହି ଅନୁଯାୟୀ ଇଷ୍ଟିମେଟରେ କାମ ହେବାକଥା । କିନ୍ତୁ ସମ୍ପୃକ୍ତ ଠିକା ସଂସ୍ଥା ନିମ୍ନମାନର କାମ କରିବା ସହ ଇଷ୍ଟିମେଟ ଅନୁଯାୟୀ କାମ ହୋଇ ନ ଥିବା ଅଭିଯୋଗ କରିଛନ୍ତି ଚିଲିଗୁଡ଼ା ଗ୍ରାମବାସୀ । ପାନୀୟ ଜଳ ଯୋଗାଣ ଏକ ସପ୍ତାହ ମଧ୍ୟରେ ନ ହେଲେ ରାଜ ରାସ୍ତା ଅବରୋଧ କରିବା ପାଇଁ ଚିଲିଗୁଡ଼ା ଗ୍ରାମର ରଜନୀ କାନ୍ତ ପଣ୍ଡା, ଅଭିମନ୍ୟୁ ଗୋପାଲ, ମୁକ୍ତେଶ୍ୱର ନାଗ, ଶ୍ରୀବଚ୍ଛ ଗୋପାଲ, ଲକ୍ଷ୍ମୀଧର ବିଶି, କୁମୁଦ ଚନ୍ଦ ନାଏକ, ବିଶିକେଶନ ସିଂ, ବିଷ୍ଣୁ ଜ୍ୟୋତି ପଣ୍ଡା ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



ଚିଲିଗୁଡ଼ା ଗ୍ରାମରେ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପ ।

## ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ

# ୨୫୦ ହେକ୍ଟରରୁ ଉର୍ଦ୍ଧ୍ୱ ରବି ଫସଲ ନଷ୍ଟ

**ଭବାନୀପାଟଣା,୨୨।୪ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ବୋର୍ଡା ଅଞ୍ଚଳରେ ୨ ଦିନ ଧରି କାଳବୈଶାଖୀ ପ୍ରଭାବରେ ଜୋରଦାର ପବନ ସାଙ୍ଗକୁ କୁଆପଥର ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଅଞ୍ଚଳରେ ବୋର୍ଡା, ଡୁମୁରିଆ, ଗୁରୁଜୁଙ୍ଗ, ଅର୍ତ୍ତଲ, ସିକୁଆଁ, ପଲନା, କେନ୍ଦୁପାଟି, ବୋରଭଟା, ସେଁପୁର, ମାଟିଆ, ମାଦିଗୁଡା ଆଦି ୧୧ଟି ପଞ୍ଚାୟତରେ କାଳବୈଶାଖୀରେ ବର୍ଷା ଓ ପବନ ହୋଇଥିଲା । କୁଆପଥର ମାଡରେ ମୁଗ, ବିରି, ଧାନ, ଚଣା, ମସୁର, ଭେଣ୍ଡି, ଗହମ, ଜହ୍ନି, ଆମ୍ବ, କଦଳୀ ଆଦି ରବି ଫସଲ ବ୍ୟାପକ ନଷ୍ଟ ହୋଇଛି । ପବନ ଓ କୁଆପଥର ପ୍ରଭାବରେ ଛାତ ଉଡି ଯାଇ ଘର ଭାଙ୍ଗି ଯାଇଛି । ଫଳରେ ୧୨ଟି ପରିବାର ବାସହରା ହୋଇ ପଡୋଶୀ ଘରେ ଆଶ୍ରୟ ନେଇଛନ୍ତି । କାଳବୈଶାଖୀ ତାଣ୍ଡବରେ ଏ ଅଞ୍ଚଳରେ ୨୫୦ ହେକ୍ଟରରୁ ଅଧିକ ରବି ଫସଲ ନଷ୍ଟ ହୋଇଥିବା ସୂଚନା ମିଳିଛି । ଝଡବତାସ ସାଙ୍ଗକୁ କରା ମାଡରେ ଫାପସି ଗାଁର ଦୁତିକା ଦୁର୍ଗା, ବୋର୍ଡାର ଚିତ୍ତ ଥନାପତି, ଧନଦେଇ ନାଗ, ବରଫାର ରୁକୁଣୀ ହରିଜନ, ଡୁମୁରିଆ ପ୍ରଫୁଲ୍ଲ ସାହୁ, କର୍ଲାପିଟା ଗାଁର ଅନିରୁଦ୍ଧ ସାହୁ, ଲକ୍ଷ୍ମଣ ସାହୁ, ନୀଳ ଅଦା, ଗୁରୁଜୁଙ୍ଗର ରାମଭୁଜନ ହରିଜନ, ଖୋଲପଲାର ନରହରି ଧରୁଆ, ସାପସିଲେଟ ଗାଁର ଉମାକାନ୍ତ ମାଝି ଓ ଶରତ ପୁଟେଲଙ୍କ ଛାତ ଉଡି ଯାଇ ଘର ଭାଙ୍ଗି ଯିବାରୁ ବାସହରା ହୋଇ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ବାସହରା ପରିବାରଙ୍କୁ ଗୃହ ଯୋଗାଇ ଦେବା ପାଇଁ ଦାବି ହେଉଛି । ପ୍ରାପ୍ତ ସୂଚନରୁ ପ୍ରକାଶ ଯେ, ଜିଲାର ଭବାନୀପାଟଣା ସହର, କେସିଙ୍ଗା, ପାଷ୍ଟିକୁଡି, ବେଲାମାଲ, ବୋରଡିଗୁଡା ଆଦି ଅଞ୍ଚଳରେ ବର୍ଷା ସାଙ୍ଗକୁ କୁଆପଥର ମାଡ ହୋଇଛି । ପ୍ରଚଣ୍ଡ ଘଡଘଡି ସହିତ ବର୍ଷା ହେବା ଯୋଗୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି ।



କାଳବୈଶାଖୀରେ ଘର ଭାଙ୍ଗିପଡ଼ିଛି ।

